## ସରକାରଙ୍କ ଚାଷୀମାରଣ ନୀତି

# ବିଜେଡି ଘେରିଲା ଜିଲ୍ଲାପାଳ କାର୍ଯ୍ୟାଳୟ



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

କୋରାପୁଟ,୨୭।୪(ସମିସ): ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତିକୁ ବିରୋଧ କରି କୋରାପୁଟ ଜିଲ୍ଲା ବିଜୁ ଜନତା ଦଳ ସୋମବାର ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛି। ଜିଲ୍ଲା ବିଜେଡି ସଭାପତି ଝିନ୍ନ ହିକକା, ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ପିତମ ପାଢ଼ୀ, ପ୍ରଫୁଲ୍ଲ ପାଙ୍ଗି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଯୁବ ବିଜେଡ଼ି ଜିଲ୍ଲା ସଭାପତି ଲଲାଟ ରଞ୍ଜନ ସେଠୀ, ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତିଙ୍କ ନେତୃତ୍ୱରେ ହଜାରେରୁ ଉର୍ଦ୍ଧ୍ୱ ଚାଷୀ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ମୋହନ ମାଝୀ ସରକାରକୁ ତୀବ୍ର ସମାଲୋଚନା କରିବା ସହ ପ୍ରତିବାଦ କରିଥିଲେ। ଆସନ୍ତା ମାସରୁ ରବି ଧାନ ବିକ୍ରି ପାଇଁ ମଣ୍ଡି ଆରମ୍ଭ ହେବ କିନ୍ତୁ ରବି ଧାନ ବିକ୍ରି ପାଇଁ ଚାଷୀ ପଞ୍ଜିକରଣକୁ ଅଚାନକ ବନ୍ଦ କରିବା ଦ୍ୱାରା ଚାଷୀ ସେମାନଙ୍କ ଉତ୍ପାଦନ ବିକ୍ରୀ କରି ପାରିବେ ନାହିଁ। ବର୍ତ୍ତମାନ ଜିଲ୍ଲାର ପ୍ରାୟ ୫ ହଜାର ଚାଷୀ ପଞ୍ଜୀକରଣ କରି ନଥିବା ବେଳେ ସେମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବେ। ସେହିପରି ରାଜ୍ୟ ସରକାର ସିଏମ କିଷାନ ଯୋଜନାରୁ ୪୩ ହଜାର ଚାଷୀଙ୍କୁ ବାଦ୍ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଜେଡି ନେତୃ ମଣ୍ଡଳୀ ଅଭିଯୋଗ କରିଛନ୍ତି। ଲ୍ୟାମ୍ପସ ତରଫରୁ ଚାଷୀ ମାନଙ୍କୁ କୌଣସି ସୂଚନା ଦିଆଯାଉ ନାହିଁ। ପଞ୍ଜୀକରଣ ପାଇଁ ଆଉ ତିନି ଦିନ ସମୟ ଦେବା ପାଇଁ ବିଜେଡି ଦାବି କରିଛି। ସିଏମ୍ କିଷାନ ଯୋଜନାରୁ ବାଦ ପଡ଼ିଥିବା ଚାଷୀ ମାନଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି ହୋଇଛି। ନବୀନ ପଟ୍ଟନାୟକ ସରକାର ଥିବା ବେଳେ ଚାଷୀ ମାନଙ୍କୁ ଅଗ୍ରାଧିକାର ଦେଉଥିବା ବେଳେ ବିଜେପି ସରକାର ଆସିବା ପରେ ଚାଷୀ ମାରଣା ନୀତି ଅବଲମ୍ବନ କରିଛି। ରାଜ୍ୟ ସରକାର ସେମାନଙ୍କ ଦାବି ଅନୁଯାୟୀ ପୁନର୍ବାର ପଞ୍ଜୀକରଣ ବ୍ୟବସ୍ଥା କରିବା ସହ ସିଏମ୍ କିଶାନ ଯୋଜନାରୁ ବାଦ ପଡ଼ିଥିବା ଚାଷୀଙ୍କୁ ସାମିଲ କରିବାକୁ ବିଜୁ ଜନତା ଦଳ ଦାବି କରିଛି। ରାଜ୍ୟ ସରକାର ସେମାନଙ୍କ ଦାବି ନ ଶୁଣିଲେ ଆଗାମୀ ଦିନରେ ଚାଷୀ ମାନଙ୍କୁ ନେଇ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ଦାବିପତ୍ର ଗ୍ରହଣ କରିଥିଲେ।

# ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ



କୋଷାଗୁମୁଡ଼ା,୨୭।୪(ସମିସ):

ଆଜି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଓ ଆରକ୍ଷୀ ଅଧିକ୍ଷକ ମଡ଼କର ସନ୍ଦୀପ ସମ୍ପତଙ୍କ ଅଧକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ସମ୍ମାନିତ ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦର୍ୱାନ୍, ବିଡିଓ ଆଶିଷ କୁମାର ତ୍ରିପାଠୀ, ବ୍ଲକ ଅଧକ୍ଷା ସର୍ବେଶ୍ୱରୀ ମାଝୀ, ବ୍ଲକ ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ତୁରନ୍ତ ସମସ୍ତ ସମସ୍ୟାର ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ବ୍ଲକ ର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ସର୍ବମୋଟ ୨୦ ଗୋଟି ଶୁଣାଣି ମଧ୍ୟରୁ ବ୍ୟକ୍ତିଗତ ୧୫ ଏବଂ ଦଳଗତ ୫ ଗୋଟିର ଅଭିଯୋଗ ଶୁଣାଣି କରାଯାଇଥିଲା। ଏହି ଶୁଣାଣି ମଧ୍ୟରେ କିଛି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଗୁଡିକ ଆସିଥିଲା। ଝରିଗାଁ ବ୍ଲକର ତେଲଗାଁ ମୌଜାର ବେଲଗାଁ ଗ୍ରାମରେ ପ୍ରାୟ ୧୩ ଏକର ରାମଚନ୍ଦ୍ର କୁମ୍ଭାର, ଚମ୍ପା କୁମ୍ଭାର, କୁମୁଲି କୁମ୍ଭାରଙ୍କ ନାମରେ ପଟ୍ଟା କରିବା ପାଇଁ ବେଲଗାଁର ତତ୍କାଳୀନ ରାଜସ୍ୱ ଅଧିକାରୀ ୩ ହଜାର ଲାଞ୍ଚ ନେଇଥିଲେ। ସେହିଭଳି ତତ୍କାଳୀନ ଝରୀଗାଁ ଥାନା ଏଏସଆଇ ରାଜୁ ଭଞ୍ଜାରା ୩ ହଜାର ଟଙ୍କା ଲାଞ୍ଚ ନେଇ କାମ ନ କରି ହଇରାଣ କରିଛନ୍ତି ବୋଲି ବୁଧୁବାରୀ କୁମ୍ଭାର, ବ୍ରଜବନ୍ଧୁ କୁମ୍ଭାର, ଦୁର୍ଯ୍ୟୋଧନ କୁମ୍ଭାର ସନ୍ୟାଦାସ ପନକା ପ୍ରମୁଖ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ଦେଇଛନ୍ତି। ସେଭଳି କୋଷାଗୁମୁଡ଼ା ବୀର ସହିଦ ପିଙ୍କୁ ପାତ୍ରଙ୍କ ନାମରେ +୩ ଡିଗ୍ରି କଲେଜ ନାମକରଣ କରିବା ପାଇଁ କୋଷାଗୁମୁଡ଼ା ଗ୍ରାମବାସୀ ଏକ ଲିଖିତ ଅଭିଯୋଗ ଜିଲ୍ଲାପାଳଙ୍କୁ ଦେଇଛନ୍ତି। ସେଭଳି କୋଷାଗୁମୁଡ଼ା ମୁଖ୍ୟ ରାସ୍ତା କଡରେ ଆରଡି ବିଭାଗ ପକ୍ଷରୁ ନ କରି ଛାଡ଼ି ଦେଇଥିବାକୁ ନେଇ ଗ୍ରାମବାସୀ ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ସେଭଳି କୋଷାଗୁମୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଶବ ବ୍ୟବଚ୍ଛେଦ ଗୃହ, ପ୍ରସୂତି ଡାକ୍ତର ନିଯୁକ୍ତି, ରୋଗୀଙ୍କ ଶଯ୍ୟା ବୃଦ୍ଧି ଭଳି ଆବଶ୍ୟକ ସମସ୍ୟା ସମ୍ପର୍କରେ ଆଜିର ଜନଶୁଣାଣିରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ସମସ୍ୟାର ସମାଧାନ କରିବାକୁ ଅଭିଯୋଗକାରୀଙ୍କୁ କହିଛନ୍ତି। କିଛି ଅନ୍ତ୍ୟୋଦୟ ଉପଭୋକ୍ତା ମହିଳାଙ୍କୁ ୨୦ହଜାର ଏବଂ ୧୦ହଜାର ଟଙ୍କାର ଚେକ ପ୍ରଦାନ କରିବା ସହ ଶେଷରେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ହୁଇଲ ଚେୟାର ପ୍ରଦାନ କରିଥିଲେ।

## ● ବିୟର ବାରରେ କର୍ମଚାରୀଙ୍କୁ ଆକ୍ରମଣ ଘଟଣା

# ଘଟଣାର ଉଚିତ୍ ତଦନ୍ତ ଦାବି

କୁନ୍ଦୁରା,୨୭।୪(ସମିସ): କୁନ୍ଦୁରା ବ୍ଲକ ସଦର ମହକୁମାଠାରେ ରହିଥିବା ବାରରେ କର୍ମଚାରୀଙ୍କୁ ଆକ୍ରମଣ ହେବାର ସପ୍ତାହେ ପୁରିଲା। ବର୍ତ୍ତମାନ ପର୍ଯ୍ୟନ୍ତ ପୁ ଲିସ ହାତ ଖାଲି। ଏହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚଳିତ ମାସ ୧୩ ତାରିଖ ଦିନ ସଦର ମହକୁମା ସ୍ଥିତ ବାରରେ ସ୍ଥାନୀୟ ଅଞ୍ଚଳର ୧୫/୧୬ ଜଣ ଲୋକ ମଦ ପିଇବାକୁ ଆସିଥିଲେ। ପିଆ ପିଇ ସରିବା ପରେ ବାର କର୍ମଚାରୀ ଟଙ୍କା ମାଗିବାରୁ ଆମେ ସ୍ଥାନୀୟ ଲୋକ ଆମକୁ କଣ ଟଙ୍କା ମାଗୁଛ ବୋଲି କହି କିଛି ସମୟ ପର୍ଯ୍ୟନ୍ତ ବଚସା ହୋଇଥିଲା। ଏହା ଭିତରେ ଖବର ମିଳିବା ପରେ ଗଣ୍ଡଗୋଳକାରୀଙ୍କୁ ପୁଲିସ ଘଉଡ଼ାଇ ଥିଲା। କିନ୍ତୁ ଏହା ମଧ୍ୟରେ ପୁଣି ଥରେ ସେହି ଲୋକ ଆସିବେ ବୋଲି ବାର ପକ୍ଷରୁ ପୁଲିସକୁ ସୂଚନା ମିଳିଥିଲା। ଠିକ ସେହିଭଳି ରାତ୍ରି ୧୧ଟା ବେଳେ ସେହି ଲୋକ ଆସି ପ୍ରଥମେ ଫାଙ୍କା ଗୁଳିଚାଳନା କରିଥିଲେ। ଏହାପରେ ବାର ଭିତରେ ରହିଥିବା ପାର୍କିଂ ସ୍ଥଳରେ ଥିବା ଦୁଇଟି ବାଇକ୍‌କୁ ଭଙ୍ଗାରୁଜା କରିଥିଲେ। ଏଥିରେ ରାଗ କମି ନଥିଲା। ପାଖରେ ଥୁଆ ହୋଇଥିବା ପାଖାପାଖି ୫୦ ବୋତଲ ବିୟର ଭାଙ୍ଗି ଦେଇଥିଲେ। ଏହା ଦେଖିନପାରି ବାରର ଜଣେ କର୍ମଚାରୀ ବିରୋଧ କରିବାରୁ ଏକ ମାରଣାସ୍ତ୍ର ସାହାଯ୍ୟରେ ମୁଣ୍ଡ ଉପରେ ଏବଂ ପଛରେ ଆକ୍ରମଣ କରିଥିଲେ। ଉକ୍ତ ବାର କର୍ମଚାରୀ ଜଣକୁ ରକ୍ତ ଜୁଡୁବୁଡୁ ବେହୋସ ଅବସ୍ଥାରେ ପ୍ରଥମେ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଉକ୍ତ କର୍ମଚାରୀ ଗୁରୁତର ରହିଥିବା ସୂଚନା ମିଳୁଛି। ବାର କର୍ମଚାରୀଙ୍କ କହିବା ଅନୁସାରେ ଆକ୍ରମଣକାରୀ ମାନେ ସ୍ଥାନୀୟ ଅଞ୍ଚଳର ହୋଇଥିବା ବେଳେ ପୁଲିସ ଗିରଫ କରିବା ବଦଳରେ ସୁରକ୍ଷା ଦେଉଥିବା ଶୁଣିବାକୁ ମିଳୁଛି। ଏହାକୁ ନେଇ ୩୯/୨୬ ନମ୍ବରରେ ଏକ କେଶ ରୁଜୁ ହୋଇଥିବା ବେଳେ ପୁଲିସର ହାତ ସପ୍ତାହେ ପରେ ମଧ୍ୟ ଖାଲି ରହିଥିବା ସମସ୍ତଙ୍କୁ ସନ୍ଦେହ ଘେରରେ ରଖିଛି। ଆକ୍ରମଣକାରୀଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ଧରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଅନ୍ୟମାନେ ଫେରାର ଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଏହି ଘଟଣାରେ ଗୁରୁତର ହୋଇଥିବା ବାର କର୍ମଚାରୀ ବିଶାଖାପାଟଣାରେ ଚିକିତ୍ସା ହେଉଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ରହିଛି। ଏହି ବାର ସରକାରୀ ସ୍ୱୀକୃତି ପ୍ରାପ୍ତ ମଦ ଦୋକାନ, ଯାହାକି ଥାନା ଠାରୁ ୨୦୦ ମିଟର ଦୂରରେ ରହିଛି। ସେପଟେ ସ୍ଥାନୀୟ ଆଇଆଇସି ଅଶ୍ୱନୀ ପଟ୍ଟନାୟକ କହିଛନ୍ତି ଯେ, ବିୟର ବାରରେ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ପୂର୍ବରୁ ୨ ଗିରଫ ହୋଇଥିବାବେଳେ ଏବେ ପୁଣି ଜଣକୁ ଗିରଫ କରାଯାଇଛି ଏବଂ ଡ୍ରଗ ସ୍ୱାର୍ଡକୁ ନେଇ ତଦନ୍ତ ଚାଲିଛି।

## ■ ଭତ୍ତା ପାଇଁ ହିନସ୍ତା

# ବ୍ୟାଙ୍କ୍ ଖାତାକୁ ଆସିପାରୁନି ଟଙ୍କା

ନନ୍ଦପୁର,୨୭।୪(ସମିସ): ରାଜ୍ୟରେ ବୁଢ଼ାବୁଢ଼ି, ବିକଳାଙ୍ଗ, ବିଧବା, ଓ ଅସହାୟଙ୍କ ପାଇଁ ସରକାର ଭତ୍ତା ବ୍ୟବସ୍ଥା କରିଛନ୍ତି। ପ୍ରତିମାସ ୧୫ ତାରିଖରେ ଏହି ଭତ୍ତା ପ୍ରଦାନ କରାଯାଏ। ଓଡ଼ିଶାରେ ଦୁଇ ପ୍ରକାର ଭତ୍ତା ପ୍ରଚଳିତ ହୋଇଥିବା ବେଳେ ଗୋଟିଏ ମଧୁବାବୁ ପେନ୍‌ସନ୍ ଅନ୍ୟଟି ଇନ୍ଦିରା ଗାନ୍ଧୀ ଜାତୀୟ ପେନ୍‌ସନ୍ ଯୋଜନା । ଗତ ଦେଢ ବର୍ଷ ହେବ ଜାତୀୟ ଇନ୍ଦିରା ଗାନ୍ଧୀ ପେନ୍‌ସନ୍ ଯୋଜନାରେ ଭତ୍ତା ପାଉଥିବା ହିତାଧିକାରୀଙ୍କ ହିନସ୍ତା ବଢି ଯାଇଛି । ମଧୁବାବୁ ପେନ୍‌ସନ୍ ଯୋଜନାରେ ପୂର୍ବ ବର୍ଷ ପରି ପ୍ରତି ମାସରେ ୧୫ ତାରିଖକୁ ଭତ୍ତା ପ୍ରଦାନ କରାଯାଉ ଥିବା ବେଳେ ଜାତୀୟ ଇନ୍ଦିରା ଗାନ୍ଧୀ ପେନ୍ ସନ୍ ଯୋଜନା ଅନ୍ତର୍ଗତ ଅନ୍ୟ ଭତ୍ତା ଧାରୀଙ୍କୁ ବ୍ୟାଙ୍କ୍ ଖାତା ମାଧ୍ୟମରେ କେଉଁ ମାସରେ ୨୦ ତାରିଖ ତ କେଉଁ ମାସରେ ୨୫ ତାରିଖରେ ହେଉଥିବା ବେଳେ ଚଳିତ ମାସରେ ୨୭ ହୋଇଥିଲେ ମଧ୍ୟ ଭତ୍ତା ଟଙ୍କା ବ୍ୟାଙ୍କ୍ ଖାତାକୁ ଆସିନାହିଁ। ଯାହାକୁ ନେଇ ଅସହାୟ ବୁଢ଼ାବୁଢ଼ିଙ୍କ ଚିନ୍ତା ବଢି ଯାଇଛି। ସେପଟେ ପ୍ରତିଦିନ ବ୍ୟାଙ୍କ୍‌କୁ ଦୌଡ଼ି ଦୌଡ଼ି ପେନ୍‌ସନ୍ ଟଙ୍କା ପାଇଁ ଲୋକେ ହିନସ୍ତା ହେଉଛନ୍ତି। ଠିକଣା ସମୟରେ ହିତାଧିକାରୀଙ୍କ ବ୍ୟାଙ୍କ୍ ଖାତାକୁ ଟଙ୍କା ଆସିଲେ ପୁରପଲ୍ଲୀର ଅସହାୟ ବୁଢ଼ାବୁଢ଼ି ଉପକୃତ ହୋଇ ପାରିବେ ବୋଲି କହିଛନ୍ତି ବ୍ଲକ୍ ଉପାଧକ୍ଷ ଗୋପାଳ ହନ୍ତାଳ।

## ■ ଗୋ-ସମ୍ମାନ ଆହ୍ୱାନ ଅଭିଯାନ

# ରାଜ୍ୟରେ ଗୋ-ହତ୍ୟା, ଚାଲାଣ ସମ୍ପୂର୍ଣ୍ଣ ବନ୍ଦ ଦାବି



ଜୟପୁର, ୨୭।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ଠାରେ ବିଭିନ୍ନ ସଂଗଠନ ପକ୍ଷରୁ ଗୋ-ସମ୍ମାନ ଆହ୍ୱାନ ଅଭିଯାନ ମାଧ୍ୟମରେ ଶୋଭାଯାତ୍ରାରେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ଠାରେ ପହଞ୍ଚି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଗୋ-ହତ୍ୟା ଓ ଚାଲାଣକୁ ରାଜ୍ୟରେ ସମ୍ପୂର୍ଣ୍ଣ ଭାବେ ବେଆଇନ କରିବା ନେଇ ଏଡି ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଜଗନ୍ନାଥଙ୍କ ରାଜ୍ୟରେ ଗୋରୁଗାଈଙ୍କୁ ବେଆଇନ ଭାବେ ଚାଲାଣ କରାଯିବା ସହିତ ମାଂସ ପାଇଁ ହତ୍ୟା କରାଯାଉଛି। ଏପରି ଚାଲୁ ରହିଥିଲେ ରାଜ୍ୟରେ ଗୋରୁଗାଈ ବଂଶ ସମ୍ପୂର୍ଣ୍ଣ ଭାବେ ଲୋପ ପାଇବ। ତେଣୁ ଗୋ ସମ୍ପଦକୁ ରକ୍ଷା କରିବା ପାଇଁ ରାଜ୍ୟରେ ଗୋରୁ ଚାଲାଣ ଏବଂ ହତ୍ୟା ପାଇଁ କଠୋର ଆଇନର ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଛି। ଗୋ ସମ୍ପଦକୁ ଏକ ଚାଷ ଭାବେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ସାହନ କରାଯାଇ ବିଭିନ୍ନ ଯୋଜନା ମାଧ୍ୟମରେ ଚାଷୀ ମାନଙ୍କୁ ଗୋପାଳନ କରିବାକୁ ସଚେତନତା ସହିତ ସହାୟତା ପ୍ରଦାନ କରିବାକୁ ଦାବି କରାଯାଇଛି। ୮ ଦଫା ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ସବ୍ୟସାଚୀ ଜେନାଙ୍କୁ ପ୍ରଦାନ କରାଯାଇଛି । ରାଜ୍ୟରେ ଗୋ ସମ୍ପଦ ସୁରକ୍ଷା ନେଇ ଗୋ-ସମ୍ମାନ ଅହ୍ୱାନ ଅଭିଯାନ ରଥ ସହିତ ଗୁରୁଜୀ ବିଶ୍ୱାମିତ୍ର ନନ୍ଦଜୀଙ୍କ ନେତୃତ୍ୱରେ ଶତାଧିକ ଗୋ ସୁରକ୍ଷା ଦାବି ନେଇ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗଦଳ, ମହାକାଳ ଗୋ ରକ୍ଷକ ଯୁବ ମଞ୍ଚ ଏବଂ ଅନ୍ୟାନ୍ୟ ସଂଗଠର ସଦସ୍ୟମାନେ ଏକ ବିରାଟ ବାଇକ ପଟୁଆରରେ ସ୍ଥାନୀୟ ରଥପଡିଆ ଛକ ଠାରୁ ବାହାରି ତହସିଲଦାର କାର୍ଯ୍ୟାଳୟ ଠାରେ ପହଞ୍ଚି ସ୍ମାରକପତ୍ର ପ୍ରଦାନ କରିଥିଲେ।

# ୪୯ଟି ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ



ବୈପାରିଗୁଡା,୨୭।୪(ସମିସ): ବୈପାରିଗୁଡା ବ୍ଲକ କାର୍ଯ୍ୟାଳୟ ସଭାଗୃହ ଠାରେ ଜିଲ୍ଲାପାଳଙ୍କ ଅଧକ୍ଷତାରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧକ୍ଷତାରେ ଆୟୋଜିତ ଶିବିରରେ ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା, ଉପ ଜିଲ୍ଲାପାଳ ଯଦୁମଣି ନାୟକ, ସିଡିଓ ବେଣୁଧର ଶବର, ପିଏ ଆଇଟିଡିଏ ତୃପ୍ତି ବରାଇ, ଡାକ୍ତର ଶିବସାଇ ସ୍ୱରୁପ, ବ୍ଲକ ଉପାଧକ୍ଷା ପୂର୍ଣ୍ଣିମା ବାରିକ, ବିଡ଼ିଓ ଶକ୍ତି ମହାପାତ୍ର, ତହସିଲଦାର ସ୍ନିଗ୍ଧା ଚୌଧୁରୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମୋଟ ୪୯ଟି ଅଭିଯୋଗ ମଧ୍ୟରୁ ୧୯ଟି ସାମୁହିକ ଏବଂ ୩୦ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ସାମୂହିକ ଅଭିଯୋଗରେ ମୁଖ୍ୟତଃ ରାସ୍ତା, ପାନୀୟଜଳ, ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ, ଚେକ୍ ଡ୍ୟାମ ଭଳି ଅଭିଯୋଗ ରହିଥିବା ବେଳେ ବୈପାରିଗୁଡାର ମୁଖ୍ୟ ଛକରେ ଥିବା ଶୌଚାଳୟ କାର୍ଯ୍ୟକ୍ଷମ କରିବା, ଟ୍ରାଫିକ ପୋଷ୍ଟ ନିର୍ମାଣ, ଏକଲବ୍ୟ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ଦାବି କରାଯାଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ବାର୍ଦ୍ଧକ୍ୟ ଭତ୍ତା ଏବଂ ଆବାସ ଗୃହ ପ୍ରଦାନ ଭଳି ଅଭିଯୋଗ ରହିଥିଲା। ଏହି ଶିବିରକୁ ସାମାଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ପାଢ଼ୀ ଏବଂ ବିପିସି ପ୍ରଦୀପ କୁମାର ଆଚାର୍ଯ୍ୟ ପରିଚାଳନା କରିଥିବା ବେଳେ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ବିଶ୍ୱଶାନ୍ତି ମହାଯଜ୍ଞର ଶୁଭାରମ୍ଭ



ଦାମନଯୋଡ଼ି,୨୭।୪ (ସମିସ): ନାଲ୍‌କୋ ଟାଉନ୍‌ସିପ ସେକ୍ଟର- ୧ ଯଜ୍ଞ ମଣ୍ଡପରେ ୨୪ତମ ବିଶ୍ୱଶାନ୍ତି ମହାଯଜ୍ଞର ଶୁଭାରମ୍ଭ ହୋଇଛି। ରବିବାର ଅଙ୍କୁରାରୋପଣ ପରେ ସୋମବାର ସକାଳେ କଳସାଧିବାସ ଅନୁଷ୍ଠିତ ହୋଇଥିଲା। ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା ନରେନ୍ଦ୍ର ପୁଷ୍କରିଣୀରେ ପୂଜାର୍ଚ୍ଚନା ପରେ ପବିତ୍ର ଜଳ ଅଣାଯାଇ ନାମ ସଙ୍କୀର୍ତ୍ତନ, ହରିବୋଲ ହୁଳହୁଳି ମଧ୍ୟରେ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଘଟ ସ୍ଥାପନ,ଘଟ ମଣ୍ଡଳାଦି ପୂଜା,ସ୍ତମ୍ଭ, ତୋରଣ ପୂଜା, ଅଗ୍ନି ସଂସ୍କାର ଆଦି ନୀତି ହୋଇଥିଲା। ଯାଜପୁରରୁ ଆସିଥିବା ପୂଜକ ପଣ୍ଡିତ ବିରଞ୍ଚି ନାରାୟଣ ପଣ୍ଡା, ଗୋବର୍ଦ୍ଧନ ଦାଶ, ପ୍ରସନଜିତ୍ ଶୁକ୍ଲା, ସତ୍ୟପ୍ରିୟ ଦାଶ ଓ ଶରତ ଶୁକ୍ଲା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଶିଶିର ପରିଡ଼ା ଓ ପତ୍ନୀ ସୁଷମା ସିଂ,କେ. ଚଣ୍ଡି ପ୍ରସାଦ ରାଓ ଓ ପତ୍ନୀ କେ.ଭବାନୀ, ସାରଦା ପ୍ରସାଦ ପାଇକରାୟ ଓ ପତ୍ନୀ ପ୍ରଣତି ପାଇକରାୟ, ସୁଧାଂଶୁ ଶେଖର ମିଶ୍ର ଓ ପତ୍ନୀ ଅମୃତା ପଣ୍ଡା ଏବଂ ଡ଼ ରାଜେନ୍ଦ୍ର କୁମାର ପଣ୍ଡା ଓ ପତ୍ନୀ ଗିରିଜା କୁମାରୀ ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇଛନ୍ତି। ବିଭିନ୍ନ ଦିବସର ପୂଜାନୀତି ହୋଇ ମଇ ୧ତାରିଖ ପବିତ୍ର ଚନ୍ଦନ ପୂର୍ଣ୍ଣିମା ଦିନ ବିଭିନ୍ନ ପୂଜାନୀତି ସହିତ ସର୍ବ ଦେବାଦେବୀଙ୍କ ଆହୂତି, ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି, ପ୍ରବଚନ ଏବଂ ସମୂହ ପ୍ରସାଦ ସେବନ ଆଦି ଅନୁଷ୍ଠିତ ହେବ। କମିଟି ପକ୍ଷରୁ ସଭାପତି ତଥା ନାଲ୍‌କୋ ମୁଖ୍ୟ ମହାପ୍ରବନ୍ଧକ ସୁଗାତୋ ଆନନ୍ଦ ବାସୁ, ଉପସଭାପତି ତଥା ମହାପ୍ରବନ୍ଧକ ଭି.ସୁରେଶ କୁମାର ବାଥୁଲା, ସମ୍ପାଦକ ଅନାମ ଚରଣ ନାୟକ, କୋଷାଧକ୍ଷ ଅବିନାଶ ଜେନାଙ୍କ ସହିତ ରଞ୍ଜନ ବେହେରା, ସୁଜିତ ଜେନା, ମିଟୁ ସାହୁ, ସରୋଜ ଦଲେଇ, ଦୀନେଶ ଶୁକ୍ଲା, ସଦାଶିବ ବେହେରା, ସଞ୍ଜୟ କୁମାର ସାହୁ, ମୁରଲୀଧର ମହାପାତ୍ର, ଡ. ଅଶୋକ ମହାନ୍ତି,ସନ୍ତୋଷ କୁମାର ଦାଶ, ଝାଡେଶ୍ୱର ପାଲ, ଲମ୍ବୋଦର ସ୍ୱାଇଁ, ଶ୍ରୀକାନ୍ତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ। ବିଶ୍ୱକଲ୍ୟାଣ ନିମନ୍ତେ ପ୍ରାର୍ଥନା ସହିତ ଯଜ୍ଞ ନାରାୟଣଙ୍କର ବିଭୁକୃପା ଲାଭ ନିମନ୍ତେ ହେଉଥିବା ଏହି ବିଶ୍ୱଶାନ୍ତି ମହାଯଜ୍ଞରେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

# ତେନ୍ତୁଳିଗୁମ୍ମା ବ୍ରିଜ୍ ନିର୍ମାଣ କାର୍ଯ୍ୟ ତଦାରଖ କଲେ ଜିଲ୍ଲାପାଳ

➤ ପାଞ୍ଚ ବର୍ଷ ହେବ ସରୁନି ୧୪ କୋଟି ଟଙ୍କାର କାମ

➤ ୮ ମାସ ମଧ୍ୟରେ ପୋଲ କାର୍ଯ୍ୟ ସରିବ: ଜିଲ୍ଲାପାଳ



ବୈପାରୀଗୁଡ଼ା,୨୭।୪(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ତେନ୍ତୁଳିଗୁମ୍ମା ଠାରେ ନିର୍ମାଣ ଚାଲିଥିବା ବ୍ରିଜ କାର୍ଯ୍ୟ ନିଜେ ତଦାରଖ କରିଛନ୍ତି କୋରାପୁଟ ଜିଲ୍ଲାପାଳ ମୋନଜ ସତ୍ୟବନ ମହାଜନ। ତେନ୍ତୁଳିଗୁମ୍ମା ଠାରେ ବିଜୁ ସେତୁ ଯୋଜନାରେ ଗତ ୨୦୨୧ ମସିହାରେ ୧୪ କୋଟି ଟଙ୍କା ବ୍ୟୟରେ ବ୍ରିଜ କାର୍ଯ୍ୟ ଆରମ୍ଭ ହେଲା । କିନ୍ତୁ ଆଜି ପର୍ଯ୍ୟନ୍ତ ଶେଷ ହୋଇପାରୁନାହିଁ । ଯାହାକୁ ନେଇ ବହୁବାର ଅଭିଯୋଗ ହୋଇଛି । ଅଭିଯୋଗ ପରେ ଗତ ବର୍ଷ ସ୍ଥାନୀୟ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଏବଂ ଗତ କିଛି ଦିନ ପୂର୍ବେ କୋଟପାଡ଼ ବିଧାୟକ ରୁପୁ ଭତ୍ରା ଘଟଣା ସ୍ଥଳକୁ ଯାଇ ଗାଁ ଲୋକଙ୍କ ଠାରୁ ସମସ୍ୟା ବିଷୟରେ ବିଝିଥିଲେ। ଆଉ ଆଜି କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି । ଆସନ୍ତା ଜାନୁଆରୀ ମାସ ସୁଦ୍ଧା ବ୍ରିଜ ନିର୍ମାଣ କାର୍ଯ୍ୟ ଶେଷ କରାଯିବ ଏବଂ ନଦୀ ଆରପଟେ ଥିବା ୬ ଖଣ୍ଡ ଗାଁରେ ସମସ୍ତ ସରକାରୀ ସୁବିଧା ପହଞ୍ଚିବ ବୋଲି ଗାଁ ଲୋକଙ୍କୁ ପ୍ରତିଶୃତି ଦେଇଛନ୍ତି । ପୋଲ ନିର୍ମାଣ ଶେଷ ହେଲେ ତେନ୍ତୁଳିଗୁମ୍ମା ନଦୀ ଆରୋପଟେ ଥିବା ୬ ଖଣ୍ଡ ଗାଁ ତଥା ଭେଜିନିଗୁଡା, ମାଛାଗୁଡ଼ା, ମାଟିଗୁଡା , କଣ୍ଟା ବାଉଁସିଆଗୁଡା , ମାଙ୍କଡପାଣି ଆଦି ଗାଁ ରେ ମୌଳିକ ସୁବିଧା ପହଞ୍ଚିବ। ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ଜନ ପ୍ରତିନିଧି ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ।

## ■ ଏକଲବ୍ୟ ଆବାସିକ ବିଦ୍ୟାଳୟ ଉଦ୍‌ଘାଟନକୁ ଦୁଇ ବର୍ଷ ବିତିଲା

# ନାମଲେଖା ହେଉନି, ପାଠପଢା କେବେ?



ନନ୍ଦପୁର, ୨୭।୪ (ସମିସ): ବହୁ ପ୍ରତୀକ୍ଷିତ ଏକଲବ୍ୟ ଆବାସିକ ବିଦ୍ୟାଳୟ ଉଦ୍‌ଘାଟନକୁ ଦୁଇ ବର୍ଷ ବିତି ଯାଇଥିଲେ ସୁଦ୍ଧା ପାଠପଢା ତ ଦୂରର କଥା ପିଲାଙ୍କ ନାମ ଲେଖା ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇ ପାରିନାହିଁ । ସୂଚିତ ତତ୍କାଳୀନ ସରକାରଙ୍କ ସମୟରେ ନନ୍ଦପୁର ବ୍ଲକ୍‌ରେ ଆଦିବାସୀ ମେଧାବୀ ଛାତ୍ରଛାତ୍ରୀଙ୍କ ଉତ୍ତମ ଶିକ୍ଷା ନେଇ ସରକାର ନନ୍ଦପୁର ବ୍ଲକ୍‌ରେ ଏକଲବ୍ୟ ଆବାସିକ ବିଦ୍ୟାଳୟ ସ୍ଥାପନ କରିବା ସହ ଗତ ଦୁଇ ବର୍ଷହେବ ଉଦ†ାଟନ ମଧ୍ୟ ଶେଷ କରିଥିଲେ। ଗତ ୧୫ ନଭେମ୍ବର ୨୦୨୪ ମସିହାରେ ଭର୍ଚୁଆଲ ମାଧ୍ୟମରେ ଏହାର ଉଦ୍‌ଘାଟନ ହୋଇଥିଲା। ଦୁଇ ବର୍ଷ ପୂରିବାକୁ ବସିଲାଣି। ଅନୁଷ୍ଠାନ ପକ୍ଷରୁ ପିଲାଙ୍କ ନାମ ଲେଖା ଉପରେ କୌଣସି ନିଘା ନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତ। ଉଦଘାଟନୀ ଶେଷ ହେବା ପରେ ପ୍ରଶାସନ ଓ ଠିକା ସଂସ୍ଥା ପକ୍ଷରୁ ଅଳ୍ପ କିଛି ଆନୁସଙ୍ଗିକ କାର୍ଯ୍ୟ ଶେଷ ପରେ ଦୁଇ ତିନି ମାସ ମଧ୍ୟରେ ଶିକ୍ଷା ଅନୁଷ୍ଠାନ ଚାଲୁ ହେବ ବୋଲି ଅଞ୍ଚଳବାସୀଙ୍କୁ କହିଥିଲେ। ହେଲେ କୋଠା ଉପରେ କୋଠା କାର୍ଯ୍ୟ ଚାଲୁ ରହିଛ, ଶେଷ ହେବାର ନା ନେଉନାହିଁ । ସେପଟେ ନନ୍ଦପୁର ବ୍ଲକର ଏକଲବ୍ୟ ଆବାସିକ ବିଦ୍ୟାଳୟ କାର୍ଯ୍ୟକ୍ଷମ ହେବା ବିଳମ୍ବ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ କାର୍ତ୍ତିକ ଖେମୁଣ୍ଡୁ କହିଛନ୍ତି, ନନ୍ଦପୁର ପରି ଉପାନ୍ତ ଅଞ୍ଚଳରେ ଏକଲବ୍ୟ ଆବାସିକ ବିଦ୍ୟାଳୟ ସ୍ଥାପନ ହେବା ଅତ୍ୟନ୍ତ ଖୁସିର ବିଷୟ। ହେଲେ ଉଦ୍‌ଘାଟନୀକୁ ଦୁଇ ବର୍ଷ ବିତିଥିଲେ ମଧ୍ୟ କାର୍ଯ୍ୟକ୍ଷମ ନ ହେବା ଦୁର୍ଭାଗ୍ୟଜନକ । ଆଦିବାସୀ ପିଲା ମାନଙ୍କ ପାଇଁ ଉନ୍ନତ ଶିକ୍ଷା ଉପରେ ସରକାର ନିଘା ରଖୁ ନଥିବା ପରିଲକ୍ଷିତ ହୋଇଛି ବୋଲି କହିଛନ୍ତି । ସେପଟେ ବରିଷ୍ଠ ବିଜେଡି ନେତା ଗୋପାଳ କୃଷ୍ଣ ବେବର୍ତ୍ତା କହିଛନ୍ତି, ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ବୋଲି କହିଛନ୍ତି । ମିଳିଥିବା ଖବର ଅନୁସାରେ ଠିକାସଂସ୍ଥାର ମନମୁଖି କାର୍ଯ୍ୟକଳାପ ନେଇ ପ୍ରକଳ୍ପ କାର୍ଯ୍ୟ ଧିମାଇ ଥିବା ବେଳେ ଗତ ୧୫ ଦିନରୁ ଅଧିକ ହେବ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିବା ଦେଖା ଦେଇଛି । ତେବେ ତୁରନ୍ତ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଧଣ୍ଡରା ଓ ଗୁରୁଜନୀଗୁଡା ଲୋକଙ୍କୁ ନରସିଙ୍ଗଗୁଡ଼ା ବଜାର ମନା ଘଟଣା

# ଜାନୀ ଜମି ସମସ୍ୟା ସମାଧାନ କଲେ ତହସିଲଦାର



ନନ୍ଦାହାଣ୍ଡି,୨୭।୪(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଧଣ୍ଡରା ପଞ୍ଚାୟତର ନରସିଂହଗୁଡା, ବିଞ୍ଜିଗୁଡ଼ା ଓ ଧଣ୍ଡରା, ଗୁରୁଜାନିଗୁଡ଼ା ମଧ୍ୟରେ ଜାନୀ(ପୂଜାରୀ) ଜମିକୁ ନେଇ ଦୀର୍ଘ ଦୁଇ ବର୍ଷରୁ ଅଧିକ ସମୟ ହେବ କଳହ ଲାଗି ରହିଥିଲା। ଏ ବିଷୟରେ ପୁଲିସ ନିକଟରେ ଉଭୟ ପକ୍ଷ ଫେରାଦ ହେବା ପରେ ନନ୍ଦାହାଣ୍ଡି ତହସିଲଦାର କାର୍ଯ୍ୟାଳୟକୁ ପ୍ରେରଣ କରାଯାଇଥିଲା। ସମାଧାନ ନ ହେବାରୁ ଧୀରେ ଧୀରେ ଗାଁ ଗାଁ ମଧ୍ୟରେ କଳହ ତୀବ୍ରତର ହେବାରେ ଲାଗିଥିଲା ଏବଂ ନରସିଂହ ଗୁଡା ଓ ବିଞ୍ଜିଗୁଡା ପକ୍ଷରୁ ଫତୱା ଜାରି କରି ବିପକ୍ଷ ଗାଁ ଦ୍ୱୟକୁ ବଜାର ବାଟ ବାସନ୍ଦ ପାଇଁ ପ୍ରାଚୀର ପତ୍ର ଲଗାଇ ଥିଲେ। ପରବର୍ତ୍ତୀ ସମୟରେ ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆ ଉଭୟ ପକ୍ଷକୁ ବିଜ୍ଞାପନ ମାଧ୍ୟମରେ ସୂଚନା ଦେଇ ମାର୍ଚ୍ଚ ୨୪ ତାରିଖରେ ସମାଧାନ କରିଥିଲେ। ସମାଧାନ ହେବାର ଦୁଇ ଦିନ ପରେ ପୁଣି ଧଣ୍ଡରାବାସୀ ଗ୍ରାମ ଜଙ୍ଗଲର ପୁନଃ ବିଚାର ପାଇଁ ତହସିଲଦାରଙ୍କୁ ଅଭିଯୋଗ ପତ୍ର ଦେଇଥିଲେ। ଅଭିଯୋଗ ଆଧାରରେ ସୋମବାର ତହସିଲଦାର ଶ୍ରୀ ମହାନନ୍ଦିଆ ଓ ଅତିରିକ୍ତ ତହସିଲଦାର ବିଶ୍ୱଜିତ୍ କର୍କରା ଉଭୟ ପକ୍ଷକୁ କାର୍ଯ୍ୟାଳୟର ବୈଠକ କକ୍ଷରେ ଡାକି ସମାଧାନ କରିଥିଲେ। ଅନେକ ବିଚାର ବିମର୍ଷ ପରେ ରାୟ ଦେଇଛନ୍ତି ଯେ, ପୂର୍ବ ଜାନୀ ଜମିକୁ ଧଣ୍ଡରା ଓ ଗୁରୁଜାନୀଗୁଡ଼ାର ଜାନୀ ଅସ୍ଥାୟୀ ଭାବେ ଭୋଗ ଦଖଲ କରିବେ ଏବଂ ଅପର ପକ୍ଷରେ ନରସିଂହଗୁଡ଼ା ଓ ବିଞ୍ଜିଗୁଡ଼ାର ଜାନୀଙ୍କୁ ସମ ପରିମାଣର ଅନ୍ୟତ୍ର ଚାଷ ଜମି ତହସିଲ ବିଭାଗ ଯୋଗାଇ ଦେବେ। ୪ ଗ୍ରାମର ଭଦ୍ରବ୍ୟକ୍ତି ଓ ରୟତ ଆଲୋଚନାରେ ଭାଗ ନେଇ ସହମତି ପ୍ରକାଶ କରିଥିଲେ। ଶାନ୍ତି ଶୃଙ୍ଖଳା ବଜାୟ ରଖିବା ସହ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଛନ୍ତି।

# ରାଷ୍ଟ୍ରୀୟ ଲୋକ ଅଦାଲତ ପାଇଁ ପ୍ରସ୍ତୁତି

ନବରଙ୍ଗପୁର,୨୭।୪(ସମିସ): ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ଏବଂ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଆସନ୍ତା ମଇ ୯ ତାରିଖ ଶନିବାର ଦିନ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲ୍ଲା ଦୌରାଜର୍ଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ଆଦେଶ କ୍ରମେ ନବରଙ୍ଗପୁର, ଉମରକୋଟ, ରାଇଘର, ଚନ୍ଦହାଣ୍ଡି ଓ ଝରିଗାଁରେ ଥିବା ବିଚାରାଳୟ ଗୁଡିକରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୫ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାର ବିଚାରଧୀନ ମକଦ୍ଦମା ଯଥା-ଦେୱାନୀ, ଫୌଜଦାରୀ (ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦୁତ ଓ ଜଳଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ ବାଉନ୍ସ, ଇତ୍ୟାଦି ମକଦ୍ଦମାର ଅପୋକ୍ଷ ସହମତିରେ ସହଜ, ଚୂଡାନ୍ତ ସମାଧାନ ହୋଇଥାଏ। ଏହି ଲୋକ ଅଦାଲତରେ କେବଳ ବିଚାରଧୀନ ମକଦ୍ଦ ମା ନୁହେଁ, ବରଂ ମକଦ୍ଦମାକୁ ଯିବା ପୂର୍ବରୁ ବିବାଦ ଯଥା ବ୍ୟାଙ୍କ ଋଣ ଦେୟ, ବିଜୁଳି/ ଜଳଯୋଗାଣ ଦେୟ, ଚେକ ବାଉନ୍ସ ସମ୍ବନ୍ଧୀୟ ବିବାଦ, ଶ୍ରମବିବାଦ ଇତ୍ୟାଦିର ଅପୋକ୍ଷ ସହମତିରେ ସମାଧାନ ମଧ୍ୟ ହୋଇପାରିବ। ସବିଶେଷ ବିବରଣୀ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର, ତାଲୁକ ଆଇନ ସେବା କମିଟି, ଉମରକୋଟ, ଚନ୍ଦହାଣ୍ଡି ଓ ଝରିଗାଁ ସହ ତୁରନ୍ତ ଯୋଗାଯୋଗ (୧୫୧୦୦/ ୦୬୮୫୮-୨୨୨୪୪୫/ ୦୬୮୫୮-୨୨୨୫୪୫) କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସାଇ ଅଭିପ୍ସା ଗୋଛାୟତ ସୂଚନା ଦେଇଛନ୍ତି।

# ଖାଦ୍ୟ ଶସ୍ୟ ବିକି ରାସ୍ତା ନିର୍ମାଣ କଲେ ଗ୍ରାମବାସୀ

କଲ୍ୟାଣସିଂହପୁର,୨୭।୪(ସମିସ): ଦେଶ ସ୍ୱାଧୀନତାର ସାତ ଦଶନ୍ଧୀରୁ ଅଧିକ ବର୍ଷ ପରେ ମଧ ଗାଁକୁ ମୌଳିକ ସୁବିଧା ଅପହଞ୍ଚ ରହିଛି। ସରକାର ଓ ପ୍ରଶାସନ ଉପରେ ଆଙ୍ଗୁଳି ଉଠିବା ସ୍ୱାଭାବିକ। ଏଭଳି ପରିସ୍ଥିତିରେ ନିଜର ଜୀବିକା ଓ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା ପାଇଁ ନିଜେ ଗ୍ରାମବାସୀ ଅଣ୍ଟା ଭିଡ଼ିଛନ୍ତି। ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ କରପା ଗ୍ରାମ ପଞ୍ଚାୟତର ଏଚ କଣା ଗ୍ରାମ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି । ଦୀର୍ଘ ବର୍ଷ ଧରି ଅଞ୍ଚଳବାସୀ ଗୁହାରି କରିଛନ୍ତି, ହେଲେ ଏପର୍ଯ୍ୟନ୍ତ କୌଣସି ଭାବେ ରାସ୍ତା ମରାମତି ନହେବାରୁ ଶେଷରେ ଗ୍ରାମବାସୀ ନିଜର ଖାଦ୍ୟ ଶସ୍ୟ ବିକ୍ରିକରି ୭୦ ହଜାର ଟଙ୍କା ଚାନ୍ଦା ଆଦାୟ କରି ଶ୍ରମଦାନ କରି ରାସ୍ତା କାମ କରିଥିବା ଦେଖିବାକୁ ମିଳିଛି। ଗ୍ରାମର ସରପଞ୍ଚଙ୍କଠୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଗୁହାରୀ କରିବା ପରେ ମଧ୍ୟ ଏ ରାସ୍ତା କାମ ହେଉ ନଥିବା ଯୋଗୁଁ ଗାଁକୁ ଆମ୍ବୁଲାନ୍ସ ଆସିବା ଦୂରର କଥା, ଚାଲିକି ଯିବା ମଧ କଷ୍ଟକର ହୋଇ ପଡିଛି। ଏହି ଗ୍ରାମକୁ କଲ୍ୟାଣସିଂହପୁର ବ୍ଲକ ଦେଇ ଯିବାକୁ ହେଲେ ପ୍ରାୟ ତିନି ହଜାର ଫୁଟ ଉଚ୍ଚକୁ ଚଢି ଯିବାକୁ ପଡିଥାଏ। କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକର କାଚଲେଖା ଗ୍ରାମଦେଇ ପନ୍ଦର କିମି କୁଟୁରୁ ମାଳି ପାହାଡ଼ ଚଢି ଯିବାକୁ ପଡିଥାଏ। କଲ୍ୟାଣସିଂହପୁର ବ୍ଲକଦେଇ ରାସ୍ତା କରିବା ସମ୍ଭବ ହୋଇ ନଥିବାରୁ କୁଟୁରୁ ମାଳି ଚଢିବା ପାଇଁ ଥୁଆମୂଳ ରାମପୁର ଯିବାପାଇଁ ଏହି ରାସ୍ତା ନିଜେ ଚାନ୍ଦା ଆଦାୟ କରି ଜେସିବି ଲଗାଇ କାର୍ଯ୍ୟ କରିଛନ୍ତି। ଏହି ରାସ୍ତା କରିବା ପାଇଁ ପ୍ରତି ଘର ପିଛା ତିନି ହଜାର ଟଙ୍କା ଆଦାୟ କରିଥିଲେ। ଯାହାକି ସେମାନେ ପାହାଡ଼ ଉପରେ ଚାଷ କରିଥିବା ମାଣ୍ଡିଆ, ଖୁସୁଲା, କାନ୍ଦୁଲ, ବିରି, ଝୁଡୁଙ୍ଗ ବିକ୍ରିକରି ଟଙ୍କା ଆଦାୟ କରିଥିଲେ। ଗତ କିଛିଦିନ ପୂର୍ବେ ଏହି କାର୍ଯ୍ୟ କରିଛନ୍ତି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏମିତିକି ଗର୍ଭବତୀ ମହିଳା ମାନଙ୍କୁ ଭାରରେ ନିତି ବୁହା ହୋଇଥିବା ନଜିର ମଧ୍ୟ ରହିଛି। ଅନେକ ନେତା, ମନ୍ତ୍ରୀ, ବିଧାୟକ ଓ ସାଂସଦଙ୍କୁ କହିବା ପରେ ବି କେହି କର୍ଣ୍ଣପାତ କରି ନାହାନ୍ତି। ୨୪ ବର୍ଷ ସରକାର ଏବଂ ଚଳିତ ୨୨ ମାସର ସରକାରରେ ବି ଏହି ଗ୍ରାମ ରାସ୍ତା ହେବା ସ୍ୱପ୍ନ ପାଲଟି ଯାଇଛି। ଏହି ସମସ୍ୟା ଭିତରେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଗାଁ ଲୋକ ଭୋଟ ବର୍ଜନ କରିବେ ବୋଲି ନିଷ୍ପତି ନେଇଥିବା ଜଣାଇଛନ୍ତି। ଏଇ ସମସ୍ୟାର ସମାଧାନ କେବେ ହେଉଛି ଦେଖିବାକୁ ବାକି ରହିଛି।



# ଭଞ୍ଜ ସଂସଦ ପକ୍ଷରୁ ଜଳଛତ୍ର




ସୁନାବେଡା,୨୭।୪ (ସମିସ): ସୁନାବେଡା ହାଲ ସହରାଞ୍ଚଳ ସ୍ଥିତ ଭଞ୍ଜ ସଂସଦ ପକ୍ଷରୁ ସୁନାବେଡା ଜଗନ୍ନାଥ ମାର୍କେଟ ଠାରେ ଜଳଛତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ରବିବାର ହାଟ ଦିନରେ ପ୍ରବଳ ଖରା ପ୍ରଭାବରେ ପନିପରିବା କିଣିବାକୁ ଆସିଥିବା ଲୋକମାନଙ୍କୁ ଭଞ୍ଜ ସଂସଦର ସଦସ୍ୟ ମାନଙ୍କ ଦ୍ୱାରା ଦହି ଓ ଲେମ୍ବୁ ପାଣି ଯୋଗାଇ ଦିଆଯାଇଥିଲା। ମିଠା ରସନା ପାନୀୟକୁ ପିଲା ମାନଙ୍କୁ ମଧ ଯୋଗାଇ ଦିଆଯାଇଥିଲା। ଏତଦ୍ ବ୍ୟତୀତ ପନିପରିବା ବିକ୍ରୟ କରିବାକ ଖରାରେ ବସି ରହିଥିବା ମହିଳା ଓ ପୁରୁଷ ମାନଙ୍କୁ ମଧ ଉକ୍ତ ଦହି ପାଣି ଭଞ୍ଜ ସଂସଦର କର୍ମକର୍ତ୍ତା ମାନେ ଯୋଗାଇଥିଲେ। ଭଞ୍ଜ ସଂସଦର ସଭାପତି ସଞ୍ଜୟ କୁମାର ବିଷୋୟୀ, ସାଧାରଣ ସମ୍ପାଦକ ସୁଦାମ ଦାସ, କାର୍ଯ୍ୟକାରୀ ସଭାପତି ବିଘ୍ନେଶ ପ୍ରସାଦ ମିଶ୍ର, ଉପ ସଭାପତି ରାମକୃଷ୍ଣ ଖଣ୍ଡୁଆଳ, ବରିଷ୍ଠ କର୍ମକର୍ତ୍ତା ବିଜୟ ପାତ୍ର, ରାମକୃଷ୍ଣ ସାହୁ, ମନୋଜ ପାତ୍ର, ଧିରେନ୍ ସାମଲ , ସଞ୍ଜୟ ନାୟକ, ଦୁର୍ଯ୍ୟୋଧନ ସ୍ୱାଇଁ, ମନୋଜ ପଟ୍ଟନାୟକ,ପବିତ୍ର ରାଉଳ, ପ୍ରଭାତ ସେଠୀ, ଶ୍ରୀକାନ୍ତ ମହାରଣା ପ୍ରମୁଖ ଜଳଛତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୃଷ୍ଣ ମୋହନ ପାତ୍ର, ରବୀନ୍ଦ୍ର ପ୍ରଧାନ,ଶଙ୍କର୍ଷଣ ବିଷୋୟୀ, ରାମକୃଷ୍ଣ ସାହୁ,ରାଜେନ୍ଦ୍ର ବିଶ୍ୱାଳ, ନାରାୟଣ ପାତ୍ର, ବନେଶ୍ୱର ପାତ୍ର, ରଘୁନାଥ ବେହେରା, ଉମାଶଙ୍କର ପାଣି, ରତ୍ନାକର ଗୌଡ଼ , ଉମେଶ ଗୌଡ଼, ବିଭୂତି ଭୂଷଣ ସୁବୁଦ୍ଧି ଙ୍କ ସମେତ ଉପଦେଷ୍ଟା ଶେଖ୍ ଇବ୍ରାହିମ, କାଳୁ ଚରଣ ବେହେରା, ଅମର ବାଡତ୍ୟା, ପ୍ରତାପ ପାତ୍ରଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ବୈଶାଖ ମାସରେ ଅସହ୍ୟ ଗରମ ଓ ଗୁଳୁଗୁଳିରୁ ରକ୍ଷା ପାଇବା ପାଇଁ ଭଞ୍ଜ ସଂସଦ ଦ୍ୱାରା ଆୟୋଜିତ ଜଳଛତ୍ର କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର




## ୪୨ଟି ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ

ରାମନଗୁଡା, ୨୭।୪(ସମିସ): ରାୟଗଡ ଜିଲ୍ଲା ରାମନାଗୁଡା ବ୍ଲକ କାର୍ଯ୍ୟାଳୟ ସଭା ଗୃହ ଠାରେ ଜିଲ୍ଲାପାଳଙ୍କ ଅଧାଖରେ ବ୍ଲକ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ରାୟଗଡ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନଶୁଣାଣି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକାରୀ ଗୋସନାର ବାର୍ଲା, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଭି ସରୋଜିନୀ ଦେବୀ, ରାମନାଗୁଡା ପଞ୍ଚାୟତ ସମିତି ଅଧକ୍ଷ ରବିଶଙ୍କର ଗମାଙ୍ଗ ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ । ଆଜି ମୋଟ ୪୨ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ ସେଥିରୁ ୩୦ଟି ବ୍ୟକ୍ତିଗତ ୭ଟି ସାମୂହିକ ଦରଖାସ୍ତ ପଞ୍ଜୀକରଣ ହୋଇଥିଲା। ଜିଲ୍ଲାପାଳ ଆଜି ମୋଟ ପାଞ୍ଚ ଜଣଙ୍କୁ ରେଡ୍‌କ୍ରସରୁ ୬୦ ହଜାର ଟଙ୍କାର ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ। ୬ ଗୋଟି ଦରଖାସ୍ତର ତୁରନ୍ତ ଶୁଣାଣି କରି ଶିବିରରେ ଫଏସଲା କରାଯାଇଥିଲା। ଅନ୍ୟ ସମସ୍ତ ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିବା ପରେ ଅଭିଯୋଗ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ଦରଖାସ୍ତ ଗୁଡିକ ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶିବିରରେ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନଲାଲ ମାଝି, ଅବକାରୀ ନିରୀକ୍ଷକ ସନ୍ତୋଷ କୁମାର ଧଳ ସାମନ୍ତ, ଗୁଣପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, କନିଷ୍ଠ ମୋଟରଯାନ ନିରୀକ୍ଷକ ସଂଗ୍ରାମ ବେହେରା, ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ଲୋକନାଥ ଯାଦବ, ରାସ୍ତା ଓ କୋଠାବାଡ଼ି କନିଷ୍ଠ ଯନ୍ତ୍ରୀ ମାନସ ନାହାକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ରାମନଗୁଡା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ,ରାମନାଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀ ଶିବ ପ୍ରସାଦ ସାହୁଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

# ଶିଶୁଙ୍କ ପାଇଁ ପୁଷ୍ଟୀକର ସହାୟତା କାର୍ଯ୍ୟକ୍ରମ



ରାୟଗଡ,୨୭।୪(ସମିସ):

ଲାୟନ୍ସ କ୍ଲବ ନାଗାବଳି ରାୟଗଡ ଦ୍ୱାରା ସୋମବାର ସକାଳେ ରାୟଗଡ ଟାଉନର ତୁମ୍ବିଗୁଡ଼ା ବସ୍ତିର ଅଙ୍ଗନବାଡି କେନ୍ଦ୍ର ଏବଂ ଶିଶୁଗୃହରେ ଏକ ପୁଷ୍ଟିକର ସହାୟତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶିଶୁମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିକୁ ପ୍ରୋତ୍ସାହିତ କରିବା ପାଇଁ ୭ ମାସରୁ ୬ ବର୍ଷ ବୟସର ୫୦ ଜଣ ପିଲାଙ୍କୁ ମିଶ୍ରିତ ଫଳ ଏବଂ ବିସ୍କୁଟ ବଣ୍ଟନ କରାଯାଇଥିଲା। ଲାୟନ୍ସ କ୍ଲବ ନାଗାବଳୀ ଚାର୍ଟରର ସଭାପତି ଡ. ଦୁଷ୍ମନ୍ତ କୁମାର ମହାନ୍ତି, ଜୋନାଲ ସଭାପତି ଡକ୍ଟର ପ୍ରସନ କୁମାର ଗନ୍ତାୟତ, ସଭାପତି ଲାୟନ୍ସ ଶୁଭ୍ରା ପଣ୍ଡା, ସଚିବ ଲାୟନ୍ସ ବିପିନ ବିହାରୀ ବିଶ୍ୱାଳ, କୋଷାଧ୍ୟକ୍ଷ ଲାୟନ୍ସ ସୁଦର୍ଶନ ପାଢୀ, ବରିଷ୍ଠ ସଦସ୍ୟ ଲାୟନ୍ସ ଶଶୀ ଭୂଷଣ ପଟ୍ଟନାୟକ, ଲାୟନ୍ସ ରୁବିରାଣୀ କୁଣ୍ଡୁ, ଲାୟନ୍ସ କୃଷ୍ଣପ୍ରିୟା ସାହାଣୀ, ଅର୍ଚ୍ଚନା ପଟ୍ଟନାୟକ, ପ୍ରଣିପ୍ତ ପାତ୍ର, ଅଙ୍ଗନୱାଡି କର୍ମୀ ରତି ମାଣ୍ଡାଙ୍ଗି, କ୍ରେଚ୍ ସୁପରଭାଇଜର ଲାକି ମିନିଆକା ଏବଂ ଅନ୍ୟାନ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଲାୟନ୍ସ କ୍ଲବ ନାଗାବଳୀ ଏପରି ପଦକ୍ଷେପ ମାଧ୍ୟମରେ ଶିଶୁ କଲ୍ୟାଣ ଏବଂ ସମାଜ ସେବା ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃସ୍ଥାପନ କରିଥିଲା ବୋଲି ଲାୟନ୍ସ ଲାବଣ୍ୟ ମୋହନ ପଟ୍ଟନାୟକ ଜଣାଇଛନ୍ତି

● ଚମ୍ପି ପଞ୍ଚାୟତରେ ଜନଶୁଣାଣି

# ପାଣି ପାଇଁ ହାଣ୍ଡି, ବାଲ୍‌ଟି ଧରି ଆସିଲେ ମହିଳା



ଲକ୍ଷ୍ମୀପୁର,୨୭।୪(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଚମ୍ପି ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ସରପଞ୍ଚ ମଞ୍ଜି ପ୍ରାସ୍କାଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି ଆରମ୍ଭ ହୋଇଥିଲା । ଏଥିରେ ପଞ୍ଚାୟତର ମହିଳା ପୁରୁଷ ଉପସ୍ଥିତ ରହି ପଞ୍ଚାୟତରେ ଥିବା ସମସ୍ୟା ଗୁଡିକ ଉପରେ ଲିଖିତ ଅଭିଯୋଗ ଆଣିଥିଲେ। ୯ ଅଭିଯୋଗ ଲୋକଙ୍କ ଠାରୁ ଗ୍ରହଣ କରାଯାଇଥିଲା। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭୋଗତେଶ୍ୱର ସ୍ୱାଇଁ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଅଂଶୁମାନ ବେହେରା, ରିସୋର୍ସ ପର୍ସନ ଦାମଦାର କନ୍ଦପାନ ଓ ଜିଆରଏସ ବିପିନ ଚେଟ୍ଟି ଯୋଗ ଦେଇଥିଲେ । ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ଉପଲକ୍ଷେ ବନବିଭାଗ, ଶିଶୁ କଲ୍ୟାଣ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ଶିକ୍ଷା ବିଭାଗକୁଛାଡିଆଉଅନ୍ୟବିଭାଗରଦେଖାନଥିଲା । ଏଥିରେପାନୀୟଜଳସମସ୍ୟାକୁନେଇମହିଳାମାନେହାଣ୍ଡିବାଲ୍ଟିଧରିଅଭିଯୋଗଶୁଣାଣିଶିବିରରେପଶିଥିଲେ । ଆଗେପାଣି ପରେମିଟିଙ୍ଗବୋଲିମହିଳାମାନେଜିଦ୍‌ଧରିକାର୍ଯ୍ୟକ୍ରମକରିବାକୁଦେଇନଥିଲେ । ଏଥିରେଗ୍ରାମବାସୀଙ୍କସହୱାର୍ଡସଭ୍ୟ, ସଭ୍ୟାମାନେଉପସ୍ଥିତରହିଅଭିଯୋଗକରିଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀ ସଞ୍ଜୀବ ବିଡିକା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏଡିଓ କୃପାଳିନି ମହାନନ୍ଦିଆ ଓ ଗ୍ରାମ ରୋଜଗାର ସେବକ ସହଯୋଗ କରିଥିଲେ ।

# ଦିଲ୍ଲୀପ କରଙ୍କୁ ରାଜ୍ୟସ୍ତରୀୟ ପ୍ରତିଭା ପରିଚୟ ସମ୍ମାନ



ପଦ୍ମପୁର,୨୭।୪(ସମିସ): ରାଜ୍ୟ କଳା ଗବେଷଣା ପ୍ରଶିକ୍ଷଣ ପରିଷଦ, କଟକ ଓ ଜୟଦେବ ସାଂସ୍କୃତିକ ବିକାଶର ମିଳିତ ଆନୁକୁଲ୍ୟରେ, ରାଜ୍ୟସ୍ତରୀୟ ପ୍ରତିଭା ପରିଚୟ ଓ ସମ୍ମାନ ଉତ୍ସବ କଳା ବିକାଶ କେନ୍ଦ୍ର ପ୍ରେକ୍ଷାଳୟ କଟକ ଠାରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଅଛି। ରବିବାର ପୂର୍ବାହ୍ଣରେ ଆୟୋଜିତ ଏହି ଉତ୍ସବକୁ ନ୍ୟାୟମୂର୍ତ୍ତି ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଯାଜପୁର ସାଂସଦ ଡ. ରବି ନାରାୟଣ ବେହେରା ମୁଖ୍ୟ ଅତିଥି, କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠି ମୁଖ୍ୟ ବକ୍ତା, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ରାୟଗଡ଼ ଜିଲ୍ଲା ପଦ୍ମପୁର ବ୍ଲକର ଗୁରୁବ୍ରହ୍ମା ଓ ମୁଖ୍ୟମନ୍ତ୍ରୀ ସମ୍ମାନପ୍ରାପ୍ତ ଆଦର୍ଶ ଶିକ୍ଷକ ଦିଲ୍ଲୀପ କୁମାର କରଙ୍କୁ ସମ୍ମାନିତ କରିଥିଲେ।

# ଲକ୍ଷ୍ମୀପୁର ମେଡିକାଲରେ ରକ୍ତଭଣ୍ଡାର ଖୁବ୍‌ଶୀଘ୍ର : ଡାକ୍ତର

ଲକ୍ଷ୍ମୀପୁର,୨୭।୪(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସ୍ୱାସ୍ଥ୍ୟ କେନ୍ଦ୍ର ହେଉଛି ବନ୍ଧୁଗାଁ, ନାରାୟଣପାଟଣା, ଲକ୍ଷ୍ମୀପୁର ଏବଂ ଦଶମନ୍ତପୁ ବ୍ଲକର କିଛି ପଞ୍ଚାୟତ ପାଇଁ ଏହା ପ୍ରମୁଖ ଆବଶ୍ୟକତା। ଏହି ବ୍ଲକବାସୀ ଲକ୍ଷ୍ମୀପୁର ମେଡ଼ିକାଲ ଉପରେ ସମ୍ପୂର୍ଣ୍ଣ ଭରସା କରି ଆସୁଛନ୍ତି। ଏହା ବ୍ୟତୀତ ଲକ୍ଷ୍ମୀପୁର ହେଉଛି ଏକ ଖଣି ଅଞ୍ଚଳ। ଏଠି ଦେଶର ବିଭିନ୍ନ ରାଜ୍ୟର ଲୋକ ଜୀବନ ଜୀବିକା ପାଇଁ ଆସି ରହୁଛନ୍ତି। ଏ ଅଞ୍ଚଳରୁ କୌଣସି ଏକ ରୋଗୀ ରକ୍ତ ଅଭାବଜନିତ ସମସ୍ୟା ନେଇ କୋରାପୁଟ କିମ୍ବା ରାୟଗଡ଼ା ଜିଲ୍ଲା ମେଡ଼ିକାଲ ଯିବାକୁ ହେଲେ ଅଧିକା ସମୟ ଯାତ୍ରା କରିବାକୁ ପଡୁଛି । ଏହା ଦ୍ୱାରା ସମୟ ସମୟରେ ଜୀବନ ମଧ୍ୟ ଚାଲି ଯାଉଛି। ଏହାକୁ ନିଜ ଆଖିରେ ଦେଖି ଆସୁଥିବା ଡାକ୍ତର ଦୀପ୍ତି ପ୍ରଧାନ ଲକ୍ଷ୍ମୀପୁର ମେଡ଼ିକାଲ ଦାୟିତ୍ୱ ନେବା ପର ଠାରୁ ସ୍ୱାସ୍ଥ୍ୟକେନ୍ଦ୍ରର ଅନେକ କିଛି ଉନ୍ନତି ଦିଗରେ କାମ କରିବା ପାଇଁ ଚିନ୍ତା କରିଥିବା ଜଣାପଡ଼ିଛି। ତହିଁ ମଧ୍ୟରୁ ରକ୍ତଭଣ୍ଡାର ହେଉଛି ଅନ୍ୟତମ। ଏଥିପାଇଁ ସେ ଜିଲ୍ଲାପାଳଙ୍କୁ ସତନ୍ତ୍ର ଭାବେ ସାକ୍ଷାତ କରି ଆଲୋଚନା କରିଥିବା ଜଣାପଡ଼ିଛି। ଖୁବ୍ କମ୍ ଦିନ ମଧ୍ୟରେ ଏଠି ରକ୍ତଭଣ୍ଡାର ଖୋଲି ଲୋକଙ୍କୁ ସେବା ଯୋଗାଇ ଦେବା ପାଇଁ ଚେଷ୍ଟା ହେଉଥିବା ଜଣାପଡ଼ିଛି। ଏହା ଜାଣିବା ପରେ ଲୋକଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି। ତେଣୁ ସମସ୍ତଙ୍କ ସାହାଯ୍ୟ ସହଯୋଗ ଡାକ୍ତର ମାନେ କାମନା କରିଛନ୍ତି। ରକ୍ତଭଣ୍ଡାର ବ୍ୟତିତ ମେଡ଼ିକାଲ ଥିବା କେତେକ ସମସ୍ୟା ଯଥା ରୋଗୀ ସମ୍ପର୍କୀୟଙ୍କ ପାଇଁ ପାଇଖାନା, ମାତୃ ଓ ଶିଶୁ କୋଠାରେ ଲାଗି ଥିବା ଅଚଳ ଲିଫ୍ଟକୁ କାର୍ଯ୍ୟକ୍ଷମ କରାଇବା ପାଇଁ ମଧ ଚେଷ୍ଟା ଜାରି ରହିଥିବା କୁହାଯାଇଛି। ଡାକ୍ତରଙ୍କ ଏଭଳି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ଲେଲିଙ୍ଗପଦର ଗାଁରେ ଜଳସଙ୍କଟ

# ଝରଣା ପାଣି ଭରସା, ଯିବାକୁ ପଡୁଛି ଅଧା କିଲୋମିଟର



କଲ୍ୟାଣସିଂହପୁର,୨୭।୪(ସମିସ): ବହୁ ଚର୍ଚ୍ଚିତ କୁଟୁରୁ ମାଳି ବକ୍ସାଇଟ ସମ୍ପତିର ପାହାଡ଼ । ଏଠାରେ ଲୋକଙ୍କ ପାଇଁ ସମସ୍ୟାର ପାହାଡ ଭଳି ଛିଡା ହୋଇଛି ପାଣି ସମସ୍ୟା। ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର କରପା ପଞ୍ଚାୟତର କୁଟୁରୁ ମାଳି ବକ୍ସାଇଟ ଭରା ପାହାଡ଼ ଉପରେ ଅବସ୍ଥିତ ଲେଲିଙ୍ଗ ପଦର ଗାଁ। ସ୍ୱାଧୀନତା ପୂର୍ବରୁ ଆଜିଯାଏ ପାଣି ପାଇଁ ଡହଳ ବିକଳ ହୋଇ ଝରଣା ପାଣି ଉପରେ ନିର୍ଭର କରୁଛନ୍ତି ଗ୍ରାମବାସୀ। ଯାହାକି ୫ ଶହ ମିଟର ଦୂରସ୍ଥାନରୁ ହାଣ୍ଡିଏ ପାଣି ଆଣିବାକୁ ପଡୁଛି। ସରକାର ଏହି ଗ୍ରାମ ପାଇଁ ଝରଣାରୁ ସୋଲାର ମୋଟର ମାଧ୍ୟମରେ ପାଣି ଉଠାଇ ପାଣି ବ୍ୟବହାର କରାଉଥିଲେ। କିନ୍ତୁ ପ୍ରତି ବର୍ଷ ବିଜୁଳି ଘଡ଼ଘଡ଼ି ହେଲେ ସୋଲାର ମୋଟର ପୋଡି ନଷ୍ଟ ହୋଇ ଯାଇଥାଏ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ପ୍ରାୟ ସବୁ ସମୟରେ ଏଭଳି ଦୂର ସ୍ଥାନରୁ ପାଣି ଆଣି ବକ୍ସାଇଟ ପାହାଡ଼ ଉପରେ ଜୀବନ ବଞ୍ଚିବାକୁ ପଡୁଛି ବୋଲି ସେମାନେ ପ୍ରକାଶ କରିଛନ୍ତି। ଖରାପ ହେଲେ କେବେ କେବେ ଜଳ ଓ ପରିମଳ ବିଭାଗ ମରାମତି କରିଥାନ୍ତି। ଗ୍ରୀଷ୍ମ କାଳ ଆସିବା ପୂର୍ବରୁ ବ୍ଲକର ଜୈନିକ ମହିଳା ଯନ୍ତ୍ରୀ ନୀଳିମା ଦାସ ଗତ ଫେବୃଆରୀ ମାସରେ ଯାଇଥିଲେ ପାହାଡ଼ ଉପରକୁ। ସେତେବେଳେ କହିଥିଲେ ଦୁଇଦିନ ପରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯିବ। କିନ୍ତୁ ତିନି ମାସ ବିତିଗଲା, ପ୍ରତିଶୃତି ପାଣିର ଗାର ହୋଇ ରହିଗଲା ବୋଲି ପ୍ରକାଶ କରିଛନ୍ତି ଗ୍ରାମବାସୀ। ସକାଳୁ ପାଣି ଆଣିବାର ଅଛି ଯଦି ରାତ୍ରିଠାରୁ ପରିବାରର ଟେନ୍‌ସନ ବଢିଯାଏ । ଏହି ପାହାଡ଼ ଉପରେ କୌଣସି ସ୍ଥାନରେ ପାଣିର ବ୍ୟବସ୍ଥା କି ଝରଣା ନଥିବାରୁ ହାଣ୍ଡିଏ ପାଣି ପାଇଁ କେତେ ଯେ କଷ୍ଟ କରିବାକୁ ପଡୁଛି, ଗାଁ ଲୋକ ହିଁ କହି ପାରିବେ। ଯିଏ ଯାଇଛି, ବାସ୍ତବରେ ଦେଖିଲେ ହୃଦବୋଧ କରି ପାରିବେ। ଇଏ କୌଣସି ସମତଳ ଅଞ୍ଚଳ ନୁହେଁ, ହଜାର ହଜାର ଫୁଟ ଉଚ୍ଚରେ ଥିବା ଧନୀ ପାହାଡ଼ର ଗରିବ ଗାଁର ବାସ୍ତବ ଚିତ୍ର । କେବେ ମରାମତି ହେବ, କେବେ ସମସ୍ୟାର ସମାଧାନ ହେବ, ମୁନ୍ଦାଏ ପାଣି ମିଳିବ ଦେଖିବାକୁ ବାକି ରହିଲା । ଏ ସମ୍ପର୍କରେ ଯନ୍ତ୍ରୀ ନୀଳିମା ଦାସଙ୍କୁ ପଚାରିବାରୁ ସୋଲାର ଓ ପମ୍ପ ଲଗାଇଥିବା ସଂସ୍ଥା ଏର୍ଥ ଲଗାଇ ନ ଥିବାରୁ ବାରମ୍ବାର ବିଜୁଳି ମାରି ମୋଟର ପୋଡି ଯାଉଛି । ଉକ୍ତ ସ୍ଥାନରେ ପାଣି କମ୍ ଥିବାରୁ ପାଣି ନିଅଣ୍ଟ ହେଉଛି । ପାଣି କେମିତି ଲୋକଙ୍କ ନିକଟରେ ପହଞ୍ଚିବ, ସେଥିନେଇ ଜିଲ୍ଲାପାଳଙ୍କ ନିକଟକୁ ଏଷ୍ଟମେଟ ପଠାଯାଇଛି। ଲୋକଙ୍କ ସୁବିଧା ପାଇଁ ଦୁଇ ଦିନ ପରେ କାର୍ଯ୍ୟ କରାଯିବ ବୋଲି ପ୍ରକାଶ କରିଛନ୍ତି। ଏଣୁ ଜିଲ୍ଲାପାଳ ଯୁଦ୍ଧକାଳୀନ ଭିତରେ ଉକ୍ତ ଗ୍ରାମର ପାଣି ସମସ୍ୟା ସମାଧାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

■ ରାଜ୍ୟ ଅଣଗେଜେଟେଡ୍ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘର ସମ୍ମିଳନୀ

# 'ପଦୋନ୍ନତି ପଦ ସଂଖ୍ୟା ବୃଦ୍ଧି ହେଉ'



ରାୟଗଡ, ୨୭।୪(ସମିସ): ରାଜ୍ୟ ଅଣଗେଜେଟେଡ ପ୍ରାଣୀଚିକିତ୍ସା ବୈଷୟିକ କର୍ମଚାରୀ ସଂଘ, ରାୟଗଡ ଜିଲା ଶାଖାର ୫ମ ତ୍ରୟବାର୍ଷିକ ସାଧାରଣ ସମ୍ମିଳନୀ ଓ ଆଗାମୀ ତିନିବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲ୍ଲା ସଭାପତି ଧନପତି କଣ୍ଡାଗିରିଙ୍କ ସଭାପତିତ୍ୱରେ ଗୁଣପୁର ଠାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାକାରୀ ଡ. ମୃର୍ମୟ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ପ୍ରାଣୀ ଚିକିତ୍ସାକାରୀ ଡ. ଅଶୋକ କୁମାର ବେହେରା ଓ ବ୍ଲକ ପ୍ରାଣୀ ଚିକିତ୍ସାକାରୀ ଡ. କୃଷ୍ଣାନନ୍ଦ ବେହେରା ଯୋଗ ଦେଇଥିଲେ। ରାଜ୍ୟ ସଂଘ ସଭାପତି ପ୍ରଶାନ୍ତ ମିଶ୍ର ମୁଖ୍ୟ ବକ୍ତା, ସଂଗଠନ ସମ୍ପାଦକ ରାମଚନ୍ଦ୍ର ନାୟକ ଓ ଦକ୍ଷିଣାଞ୍ଚଳ ସଂଗଠକ ପ୍ରସାଦ ପାସ୍ପୁରେଡି ଅନ୍ୟତମ ବକ୍ତା ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସମ୍ପାଦକ ଦୀପକ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମ୍ମିଳନୀରେ ସଂଘର ବିଭିନ୍ନ ଦାବି ଯଥା କ୍ୟାଡର ପୁନର୍ଗଠନରେ ଅସଙ୍ଗତି, ପଦୋନ୍ନତି ପଦ ସଂଖ୍ୟା ବୃଦ୍ଧି, ଓଆର୍‌ଏସ୍‌ପି ରୁଲ-୨୦୧୭ ଅନୁଯାୟୀ ପ୍ରଥମ ପଦୋନ୍ନତିରେ ୪୨୦୦ ଗ୍ରେଡ୍ ପେ ପ୍ରଦାନ, ପଦବୀ ନାମ ପରିବର୍ତ୍ତନ ଓ କାର୍ଯ୍ୟସାରଣୀର ସମସ୍ୟା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ସଂଘବଦ୍ଧ ଭାବେ ଦାବି ଉପସ୍ଥାପନ ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସଂଘର ସାଂଗଠନିକ ନିର୍ବାଚନ ପ୍ରକ୍ରିୟା କରାଯାଇଥିଲା । ରମେଶ ଚନ୍ଦ୍ର ବାଗ ସଭାପତି, ଦୀପକ ସାହୁ ସମ୍ପାଦକ, ବାବୁଲା ଶବର, କାନ୍ଦୁଲା ଲକ୍ଷ୍ମୀ ଉପସଭାପତି, ପଦ୍ମନ ପାଲକା ସହ ସମ୍ପାଦକ, ଚନ୍ଦ୍ର ଶେଖର ଗୁପ୍ତା କୋଷାଧ୍ୟକ୍ଷ ଓ ସଂଗଠକ ଭାବେ ରାଜସିଂହ ବାହିନୀପତି ନିର୍ବାଚିତ ହୋଇଥିଲେ। ନିରଞ୍ଜନ ହିମିରିକା ଓ ସହଦେବ ରଥଙ୍କୁ ଉପଦେଷ୍ଟା ଭାବେ ନିଯୁକ୍ତ କରାଯାଇଥିଲା। ସହଦେବ ରଥ, ଜଗଦୀଶ ପାତ୍ର, ରାମଚନ୍ଦ୍ର ନାୟକ ଓ ଆଞ୍ଚଳିକ ସଂଗଠକ ପ୍ରସାଦ ପାସ୍ପୁରେଡି ନିର୍ବାଚନ ପରିଚାଳନା କରିଥିଲେ। ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ମିଶ୍ର ନିର୍ବାଚିତ କର୍ମକର୍ତ୍ତା ମାନଙ୍କୁ ଶପଥ ପାଠ କରାଇଥିଲେ। ସତ୍ୟ ଜେନା ମଞ୍ଚ ପରିଚାଳନା କରିଥିଲେ।

### ଆମ୍ବଦଳା ସ୍କୁଲରେ ଆଡ୍‌ମିସନ ଅନିୟମିତତା

# ୫ ଘଣ୍ଟା ରାଜରାସ୍ତା ଅବରୋଧ, ଲିଖିତ ପ୍ରତିଶ୍ରୁତି ପରେ ହଟିଲେ

ମୁନିଗୁଡା/ଅମ୍ବାଦଳା,୨୭।୪(ସମିସ):



ରାୟଗଡ଼ ଜିଲ୍ଲା ଆମ୍ବଦଳାର ମଙ୍ଗଳ ବିଭାଗୀୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଡମିଶନ ପ୍ରକ୍ରିୟାକୁ ନେଇ ଗୁରୁତର ଅନିୟମିତତା ଅଭିଯୋଗ ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୋଲା ବାମନ ମୂର୍ତ୍ତି ଲାଞ୍ଚ ନେଇ ସ୍ଥାନୀୟ ଛାତ୍ରଛାତ୍ରୀଙ୍କୁ ଆଡମିଶନ ଦେଇ ବାହାର ଛାତ୍ରଛାତ୍ରୀଙ୍କୁ ପ୍ରାଧାନ୍ୟ ଦିଆଯାଉଥିବା ନେଇ ଅଭିଭାବକ ଓ ଗ୍ରାମବାସୀ ଗୁରୁତର ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୋଲା ବାମନ ମୂର୍ତ୍ତି ସ୍ଥାନୀୟ ଛାତ୍ରଛାତ୍ରୀଙ୍କୁ ଆଡମିଶନ ନ ଦେଇ ଅନ୍ୟତ୍ର ଯିବାକୁ ବାଧ୍ୟ କରୁଥିବା କୁହାଯାଇଛି। ଏହାକୁ ନେଇ ଅଭିଭାବକମାନେ ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା କରିବାକୁ ଯାଇଥିବା ବେଳେ ସେମାନଙ୍କ ସହ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ମଧ୍ୟ ଉଠିଛି। ଏହି ପରିସ୍ଥିତିକୁ ନେଇ ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀ ଏକତ୍ରିତ ହୋଇ ରାୟଗଡା -ଭବାନୀପାଟଣା ରାଜ୍ୟ ରାଜପଥକୁ ପ୍ରାୟ ୫ ଘଣ୍ଟା ଧରି ଅବରୋଧ କରି ପ୍ରତିବାଦ କରିଥିଲେ। ଏଥିପାଇଁ ଯାତାୟାତ ପୂରାପୁରି ଠପ୍ ହୋଇଯାଇଥିଲା ଓ ଯାତ୍ରୀମାନେ ବହୁତ ଅସୁବିଧାରେ ପଡ଼ିଥିଲେ।

ସୂଚନା ଅନୁଯାୟୀ, ଗତ ଶନିବାର ଦିନ ଦୁଇ ଛାତ୍ରୀଙ୍କୁ ଆଡ୍‌ମିଶନ ନ ଦେବା ପ୍ରତିବାଦରେ ସେମାନେ ସ୍କୁଲ ଅଫିସକୁ ତାଲା ମାରିଥିଲେ। ଏହାପରେ ଆଜି ଗ୍ରାମବାସୀ ଆନ୍ଦୋଳନକୁ ତୀବ୍ର କରି ରାଜରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ପୁଲିସ ଓ ପ୍ରଶାସନ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ଆଲୋଚନା ମାଧ୍ୟମରେ ସମାଧାନ ଚେଷ୍ଟା କରିଥିଲେ। ବ୍ଲକ ଶିକ୍ଷା ସମ୍ପ୍ରସାରଣ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ, ଆମ୍ବଦଳା ଥାନା ଅଧିକାରୀ ସୂର୍ଯ୍ୟନାରାୟଣ ପାଢ଼ୀ ଓ ଚନ୍ଦ୍ରପୁର ଥାନା ଅଧିକାରୀ ଲଳିତ ମୋହନ ସାଗର ଘଟଣାସ୍ଥଳରେ ଉପସ୍ଥିତ ରହି ଲୋକଙ୍କୁ ବୁଝାସୁଝା କରିଥିଲେ। ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦିଆଯାଇବା ପରେ ପ୍ରତିବାଦକାରୀମାନେ ରାସ୍ତା ଅବରୋଧ ହଟାଇଥିଲେ। ପରେ ଯାତାୟାତ ବ୍ୟବସ୍ଥା ସ୍ୱାଭାବିକ ହୋଇଥିଲା। ପ୍ରତିବାଦକାରୀମାନଙ୍କ ଦାବି ହେଉଛି, ଆଡ଼ମିଶନ ପ୍ରକ୍ରିୟାରେ ପୂର୍ଣ୍ଣ ପାରଦର୍ଶିତା ଆଣାଯାଉ ଓ ସ୍ଥାନୀୟ ଛାତ୍ରଛାତ୍ରୀଙ୍କୁ ତୁରନ୍ତ ନ୍ୟାୟ ଦିଆଯାଉ। ଯଦି ସ୍ଥାୟୀ ସମାଧାନ ନ ହୁଏ, ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ସେମାନେ ସଚେତନ କରିଛନ୍ତି। ଏହି ଘଟଣାର ସ୍ଥାୟୀ ସମାଧାନ କେବେ ହେବ ଓ ଛାତ୍ରଛାତ୍ରୀମାନେ କେବେ ନ୍ୟାୟ ପାଇବେ ସେଥିପାଇଁ ସମଗ୍ର ଅଞ୍ଚଳର ଦୃଷ୍ଟି ଏବେ ପ୍ରଶାସନ ଉପରେ ରହିଛି।

### ● ବାଣିଜ୍ୟ ବିଭାଗ ପରୀକ୍ଷାର୍ଥୀଙ୍କୁ ଦିଆଗଲା କଳା ବିଭାଗର ପ୍ରଶ୍ନପତ୍ର

# ଅଭିଯୋଗ ପରେ ବଦଳିଲା ପ୍ରଶ୍ନପତ୍ର

ମାଲକାନଗିରି, ୨୭।୪(ସମିସ): ବାଣିଜ୍ୟ ବିଭାଗରେ ପରୀକ୍ଷା ଦେବାକୁ ଯାଇଥିଲେ ଛାତ୍ର। ହେଲେ ପରୀକ୍ଷା କେନ୍ଦ୍ରରେ ତାଙ୍କୁ ମିଳିଲା କଳା ବିଭାଗର ପ୍ରଶ୍ନ ପତ୍ର। କିଛି ଏପରି ଘଟଣା ଘଟିଛି ମାଲକାନଗିରି ସଦରରେ ଥିବା ମାଲକାନଗିରି ମହାବିଦ୍ୟାଳୟରେ। ମାଲକାନଗିରି ମହାବିଦ୍ୟାଳୟରେ ମୋଟ ୭୫ ଜଣ ପରୀକ୍ଷାର୍ଥୀ ବିଭିନ୍ନ ବିଷୟରେ ପରୀକ୍ଷା ଦେଇଛନ୍ତି। ତେବେ ବାଣିଜ୍ୟ ବିଭାଗର ସୌରଭ ଭୌମିକ ନାମକ ଛାତ୍ର ୩ୟ ସେମିଷ୍ଟାରର କୋରପରେଟ ଏକାଉଣ୍ଟିଂ ପରୀକ୍ଷା ଦେବାକୁ ଆସିଥିଲେ। କିନ୍ତୁ ପରୀକ୍ଷା ପରିଚାଳକ ଭୁଲରେ ରାଜନୀତି ବିଜ୍ଞାନର ପ୍ରଶ୍ନ ପତ୍ର ଦେଇ ଦେଇଥିଲେ। ଛାତ୍ର ଜଣକ କିଛି ବୁଝିନପାରି ସେହି ପ୍ରଶ୍ନର ଉତ୍ତର ଲେଖି ଚାଲିଲେ। ତେବେ ଇତି ମଧ୍ୟରେ ୩ ଘଣ୍ଟା ସମୟ ସରିଆସୁଥିବା ବେଳେ ପରୀକ୍ଷା ପରିଚାଳକ ଜାଣିପାରିଲେ ଯେ ସୌରଭଙ୍କୁ ଭୁଲ ପ୍ରଶ୍ନପତ୍ର ପ୍ରଦାନ କରାଯାଇଛି। ସୌରଭ ମଧ୍ୟ ଏନେଇ ସେ ପରୀକ୍ଷା ପରିଚାଳକଙ୍କୁ ଅବଗତ କରାଇଥିଲେ। ଏନେଇ ପରୀକ୍ଷା ପରିଚଳନା ଦାୟିତ୍ୱରେ ଥିବା ଅଧ୍ୟାପକ ମାନେ ଜାଣିବା ପରେ ତୁରନ୍ତ ଛାତ୍ର ଜଣଙ୍କ ଠାରୁ ସେହି ପ୍ରଶ୍ନ ପତ୍ର ନିଆଯାଇ ତାଙ୍କୁ ତାଙ୍କ ବିଭାଗର ପ୍ରଶ୍ନ ପତ୍ର ପ୍ରଦାନ କରଯାଇଥିଲା। ଏଥିସହ ତାଙ୍କୁ ଅତିରିକ୍ତ ସମୟ ମଧ୍ୟ ପ୍ରଦାନ କରାଯାଇ ଉତ୍ତର ଲେଖିବାର ସୁଯୋଗ ଦିଆଯାଇଥିଲା। ଅପର ପକ୍ଷରେ ଏହି ତ୍ରୁଟି ପାଇଁ ଅନ୍ୟ ଛାତ୍ର ମାନେ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଦୋଷ ଦେବା ସହ ଘଟଣାକୁ ଲୁଚାଇବାକୁ ଯାଇ ଉକ୍ତ ଛାତ୍ର ଜଣକୁ ବାହାରକୁ ଛାଡି ନଥିବା ଅଭିଯୋଗ କରିଛନ୍ତି। ତେବେ ଏନେଇ ଆମେ ମାଲକାନଗିରି ମହାବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ତ ରଞ୍ଜନ ବାରିକଙ୍କୁ ପଚାରିବାରୁ ସେ ପ୍ରକାଶ କରିଛନ୍ତି ଯେ, ପ୍ରଶ୍ନପତ୍ର ଦେବା ସମୟରେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ତ୍ରୁଟି ରହିଛି। ଏହା ସହ ଛାତ୍ର ଜଣଙ୍କ ମଧ୍ୟ ଯେଉଁ ବିଷୟରେ ପଢି ନାହାନ୍ତି, ତାହାର ପ୍ରଶ୍ନପତ୍ର ଦେଖି ତୁରନ୍ତ ଅଭିଯୋଗ କରିଥିଲେ, ଏହାର ସମାଧାନ ସେହି ସମୟରେ ହିଁ ହୋଇପାରିଥାନ୍ତା ବୋଲି ପ୍ରକାଶ କରିଥିଲେ।

### ■ ଲମତାଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ

# ୪ କୋଠରୀରେ ୫ଟି ଶ୍ରେଣୀର ଛାତ୍ରଛାତ୍ରୀ



### ବର୍ଷ ବର୍ଷ ଧରି ସରୁନି ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ

ତେନ୍ତୁଲିଖୁଣ୍ଟି,୨୭।୪(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ଲମତାଗୁଡା ପଞ୍ଚାୟତ ଅନ୍ତର୍ଗତ ଲମତାଗୁଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପାଇଁ ଶ୍ରେଣୀଗୃହ ଅଭାବ ଏକ ପ୍ରମୁଖ ସମସ୍ୟା ହୋଇଛି। ଏହି ବିଦ୍ୟାଳୟରେ ପାଞ୍ଚଟି ଶ୍ରେଣୀର ମୋଟ ୨୪୫ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । କିନ୍ତୁ ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ପାଇଁ ମାତ୍ର ୪ଟି ଛୋଟ ଛୋଟ କୋଠରୀ ରହିଛି । ଗୋଟିଏ କୋଠରୀରେ ଉଭୟ ଷଷ୍ଠ ଏବଂ ସପ୍ତମ ଶ୍ରେଣୀର ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ସରକାର ଶିକ୍ଷା ସହ ଖେଳ କୁଦ ମଧ୍ୟ ଜରୁରୀ ବୋଲି ଡିଣ୍ଡିମ ପିଟୁଥିବା ବେଳେ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଖେଳ ପଡିଆ ଖଣ୍ଡେ ନାହିଁ । ଏହି ବିଦ୍ୟାଳୟର ଷଷ୍ଠ ଶ୍ରେଣୀରେ ୩୪ ଜଣ ଏବଂ ସପ୍ତମ ଶ୍ରେଣୀରେ ୪୨ ଜଣ ଛାତ୍ରଛାତ୍ରୀ ଗୋଟିଏ ଛୋଟ କୋଠରୀ ମଧ୍ୟରେ ବେଞ୍ଚ ଗୁଡିକରେ ଖୁନ୍ଦିଖାନ୍ଦୀ ହୋଇ ପାଠ ପଢିବା ଅତ୍ୟନ୍ତ ଦୁଃଖଦାୟକ ବୋଲି କହି ଅସନ୍ତୋଷ ପ୍ରକାଶ କରିଛନ୍ତି ଅଭିଭାବକମାନେ। ଅନ୍ୟପକ୍ଷରେ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ପ୍ରାୟ ଚାରିବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ବେଳେ ତାହା ଶେଷ ହୋଇ ପାରୁନଥିବା ଅଭିଯୋଗ ହେଉଛି।

# ଆଇନ ସଚେତନତା କାର୍ଯ୍ୟକ୍ରମ



ରାୟଗଡ,୨୭।୪(ସମିସ): ରାୟଗଡ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ଦାମୋଦର ରଥଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ସୋମବାର ଦିନ ସ୍ଥାନୀୟ ତାଡମା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମାନସିକ ରୋଗୀମାନଙ୍କ ପାଇଁ ଥିବା ନାଲସା ସ୍କିମ୍ ଓ ପଶୁ ଓ ମଣିଷ ମଧ୍ୟରେ ଲଢେଇ ଇତ୍ୟାଦି ଉପରେ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନ୍ୟ ପ୍ରମୁଖ ଅତିଥି ମାନଙ୍କ ମଧ୍ୟରେ ରାୟଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାନସିକ ଡକ୍ଟର ରାକେଶ ପାଢୀ, ଜଙ୍ଗଲ ବିଭାଗର ରେଞ୍ଜର ଗଙ୍ଗାଧର ମିଶ୍ର, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ପ୍ରଣ୍ଟ ଅଫିସ ରିଟେନର ସୁକାନ୍ତ ଦାସ, ତାଡମା ଗ୍ରାମ ପଞ୍ଚାୟତର ପିଇଓ ଓ ଗ୍ରାମର ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଶ୍ରୀ ଆଚାର୍ଯ୍ୟ ନିଜର ବକ୍ତବ୍ୟରେ ମାନସିକ ରୋଗୀମାନଙ୍କ ପାଇଁ ଥିବା ନାଲସା ସ୍କିମ୍ ଉପରେ ବିସ୍ତୃତ ଭାବରେ ଅଂଶଗ୍ରହଣକାରୀ ମାନଙ୍କୁ ବୁଝାଇଥିଲେ । ସେହିପରି ଉପସ୍ଥିତ ଥିବା ରେଞ୍ଜର ଶ୍ରୀ ମିଶ୍ର ନିଜର ବକ୍ତବ୍ୟରେ ଜଙ୍ଗଲ ସୁରକ୍ଷା କରିବା ସହିତ ପଶୁ ମାନଙ୍କୁ କିପରି ସୁରକ୍ଷା କରିବା ସେ ଉପରେ ବିସ୍ତୃତ ଭାବରେ ଅଂଶଗ୍ରହଣକାରୀ ମାନଙ୍କୁ ବୁଝାଇଥିଲେ। ସେହିପରି ଉପସ୍ଥିତଥିବା ମାନସିକ ରୋଗର ଡକ୍ଟର ଶ୍ରୀ ପାଢୀ ନିଜର ବକ୍ତବ୍ୟରେ ମାନସିକ ରୋଗୀମାନଙ୍କ ପାଇଁ ଥିବା ସରକାରଙ୍କର ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ ଓସେହିପରି ଉପସ୍ଥିତ ଥିବା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ପ୍ରଣ୍ଟ ଅଫିସ ରିଟେନର ସୁକାନ୍ତ ଦାସ ନିଜର ଅଭିଭାଷଣରେ ବିଭିନ୍ନ ଅସୁବିଧା ସମୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଦ୍ୱାରସ୍ଥ ହେବା ପାଇଁ ସମସ୍ତ ଜନସାଧାରଣ ମାନଙ୍କୁ ବୁଝାଇଥିଲେ।

# ପୋଖରୀରୁ ମୃତଦେହ ଉଦ୍ଧାର

ମାଲକାନଗିରି, ୨୭।୪(ସମିସ): ମାଲକାନଗିରି ଜିଲ୍ଲା ସଦର ମହକୁମାର ଭୈରବୀ ମନ୍ଦିର ନିକଟରେ ଥିବା ଏକ ପୋଖରୀରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ସୂଚନା ଅନୁଯାୟୀ ମୃତ ବ୍ୟକ୍ତିଙ୍କ ନାମ ଅର୍ଜୁନ ପଟ୍ଟନାୟକ । ତାଙ୍କ ଘର ଜିଲ୍ଲା ସଦରର ୮ ନମ୍ବର ୱାର୍ଡରେ । ସେ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଥିବା ବେଳେ କାର୍ଯ୍ୟରୁ ଫେରି ନିଜ ପୋଖରୀକୁ ଯାଇଥିଲେ। ଦୀର୍ଘ ସମୟ ଧରି ସେ ଘରକୁ ଫେରି ନଥିବା ବେଳେ କିଛି ଲୋକେ ପୋଖରୀରେ କେହି ଜଣେ ଭାସୁଥିବା ଦେଖି ତୁରନ୍ତ ଏନେଇ ଦମକଳ ବାହିନୀକୁ ଖବର ଦେଇଥିଲେ। ପୋଖରୀ ମଧ୍ୟରେ ଭାସୁଥିବା ବ୍ୟକ୍ତି ଅର୍ଜୁନ ପଟ୍ଟନାୟକ ବୋଲି ଜଣା ପଡିଥିଲା। ପୋଖରୀଟି ତାଙ୍କ ନିଜର ହୋଇଥିବା ବେଳେ ସେ ଅନେକ ସମୟରେ ପୋଖରୀକୁ ଆସିଥାନ୍ତି। ପୂର୍ବରୁ ତାଙ୍କର ବିଭିନ୍ନ ଶାରୀରିକ ଅସୁସ୍ଥତା ଥିବା ବେଳେ ଆଜି କୌଣସି କାରଣରୁ ସେ ପୋଖରୀ ମଧ୍ୟରେ ପଡିଯାଇ ଏପରି ଅଘଟଣ ଘଟିଥିବା ଅନୁମାନ କରାଯାଉଛି। ତେବେ ଦମକଳ ବାହିନୀ ତାଙ୍କ ଶରୀରକୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାଲକାନଗିରି ଆଦର୍ଶ ଥାନା ପୁଲିସ ମର ଶରୀରକୁ ବ୍ୟବଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

# ଜିଲ୍ଲାପାଳଙ୍କ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା



ରାମନାଗୁଡ଼ା,୨୭।୪(ସମିସ): ଆଜି ରାୟଗଡ ଜିଲ୍ଲାର ରାମନାଗୁଡ଼ା ବ୍ଲକ ସ୍ତରୀୟ ଅଭିଯୋଗ ଶୁଣାଣି ଶେଷ କରିବା ପରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ବ୍ଲକ ଅଞ୍ଚଳରେ ଚାଲିଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ବୁଲି ଦେଖିଥିଲେ। ପ୍ରଥମେ ରାମନାଗୁଡାରେ ନିର୍ମାଣଧୀନ ବସ୍ ଷ୍ଟାଣ୍ଡ ପ୍ରକଳ୍ପ ପରିଦର୍ଶନରେ ଯାଇ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଏବଂ ଉଚ୍ଚ ଗୁଣବତ୍ତା ରକ୍ଷା କରି ଶେଷ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଏହା ପରେ ନିର୍ମାଣଧୀନ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟ, ଛାତ୍ରାବାସ ଓ ଛାତ୍ରୀ ନିବାସର ଆବଶ୍ୟକୀୟ ଭିତ୍ତିଭୂମି ତଦାରଖ କରିବା ପରେ ନିର୍ମାଣ ଦାୟିତ୍ୱରେ ଥିବା ସଂସ୍ଥାଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଏବଂ ଉଚ୍ଚ ଗୁଣବତ୍ତା ରକ୍ଷାକୁ ପ୍ରାଥମିକତା ଦେଇ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ଗୁଣପୁର ଉପ ଜିଲ୍ଲାପାଳ ଅଭିଷେକ ଦୁଧାଲ, ରାମନାଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ହରେକୃଷ୍ଣ ପଣ୍ଡା ,ମଙ୍ଗଳ ସଂପ୍ରସାରଣ ଅଧିକାରୀ ସୁସ୍ମିତା ରଥ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅନ୍ତାରେ ୩୮ ଜଣଙ୍କ ଚକ୍ଷୁ ପରୀକ୍ଷା



କୋରାପୁଟ,୨୭।୪(ସମିସ): ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାରେ ସୋମବାର ଜୟପୁର ବ୍ଲକ ଅନ୍ତା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲାରେ ଥିବା ଭ୍ରାମ୍ୟମାଣ ଦୃଷ୍ଟି କେନ୍ଦ୍ର ପକ୍ଷରୁ ଅନ୍ତା ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ମୋଟ ୩୮ ଜଣଙ୍କ ଚକ୍ଷୁ ପରୀକ୍ଷା ହୋଇଥିଲା। ୧୭ଜଣଙ୍କ ଠାରେ ମୋତିଆବିନ୍ଦୁ ଚିହ୍ନଟ, ଦୃଷ୍ଟିଦୋଷ ଥିବା ୨ଜଣଙ୍କର ଚଷମା ପରୀକ୍ଷା ଓ ଅନ୍ୟ ୩ଜଣଙ୍କୁ ରେଫର କରାଯାଇଥିଲା। ଶିବିରରେ ଚକ୍ଷୁରୋଗୀଙ୍କୁ ଔଷଧ ବଣ୍ଟନ ସହିତ ରକ୍ତଚାପ ଓ ରକ୍ତପରୀକ୍ଷା ହୋଇଥିଲା। ଏହି ଯୋଜନାରେ ମୋତିଆବିନ୍ଦୁ ରୋଗୀଙ୍କର ଜୟପୁର ସ୍ଥିତ ଜିଲ୍ଲା ସଦର ମହକୁମା ହସ୍ପିଟାଲରେ ମାଗଣା ଅସ୍ତ୍ରୋପଚାର ବ୍ୟବସ୍ଥା ରହିଛି। ରାବଣାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ସ୍ୱସ୍ତିକ ମହଲାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚକ୍ଷୁ ଚିକିତ୍ସା ଅଧିକାରୀ ବିଜୟ କୁମାର ଆଚାର୍ଯ୍ୟ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ପିଏଚଇଓ ଧରିତ୍ରୀ ମୁଦୁଲି ଓ ବିପିଏମ ସନ୍ତୋଷିନୀ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ଶୁଭଶ୍ରୀ ଦାସଙ୍କ ସ୍ୱାସ୍ଥ୍ୟକର୍ମୀ ବବିତା ତୁରୁକ, ସ୍ନେହଲତା ମହାରଣା ଓ ସମସେର ଅଲୀ ଉପସ୍ଥିତ ରହି ପରିଚାଳନା କରିଥିଲେ। ଆଶାକର୍ମୀ ସରସ୍ୱତୀ ବେହେରା ଓ ଶକୁନ୍ତଳା ମଣ୍ଡଳ ପ୍ରମୁଖ ସହଯୋଗ କରିଥିଲେ।

### ● ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି

# ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ



ଖଇରପୁଟ,୨୭।୪(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ପୋଡ଼ାଘାଟ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ବନଖଣ୍ଡ ଅଧିକାରୀ ସାଇ କିରଣ ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଶ୍ମୀ ରଞ୍ଜନ ସେନାପତି ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଶୁଣିଥିଲେ। ଏହି ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ପ୍ରୀତମ ଦେବତା ପରିଚାଳନା କରିଥିବା ବେଳେ ବ୍ଲକର ବିଡିଓ, ତହସିଲଦାର ଏବଂ ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ସମୁଦାୟ ୬୯ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଯେଉଁଥିରେ ୧୦ଟି ବ୍ୟକ୍ତିଗତ ଏବଂ ୫୯ ଟି ଗ୍ରାମ ଭିତ୍ତିକ ସମସ୍ୟା ରହିଥିଲା। ଶିବିରରେ ଜନସାଧାରଣଙ୍କୁ ବିଭିନ୍ନ ସେବା ଯୋଗାଇବା ପାଇଁ ସ୍ୱତନ୍ତ୍ର କ୍ୟାମ୍ପ୍ ମାନ ଆୟୋଜନ କରାଯାଇଥିଲା। ଏଥିରେ ଭିନ୍ନକ୍ଷମମାନଙ୍କୁ ସହାୟତା ଉପକରଣ ପ୍ରଦାନ, ସ୍ୱାସ୍ଥ୍ୟ ପରୀକ୍ଷା, ମଧୁବାବୁ ପେନସନ ଯୋଜନାରେ ନୂତନ ଭତ୍ତା ମଞ୍ଜୁର, ଜମି ପଟ୍ଟା ସମ୍ବନ୍ଧୀୟ ସମସ୍ୟାର ସମାଧାନ ଏବଂ ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ଭଳି ଗୁରୁତ୍ୱପୂର୍ଣ୍ଣ ସେବା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ପ୍ରଶାସନକୁ ଲୋକଙ୍କ ଦୁଆରମୁହଁରେ ପହଞ୍ଚାଇବା ଆମର ମୁଖ୍ୟ ଲକ୍ଷ୍ୟ, ଯଦ୍ୱାରା ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ସରକାରୀ ସେବାର ସୁଫଳ ପାଇପାରିବେ ଏବଂ ସେମାନଙ୍କ ସମସ୍ୟାର ତ୍ୱରିତ ସମାଧାନ ହୋଇପାରିବ। ପ୍ରଶାସନର ଏହି ପଦକ୍ଷେପକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପ୍ରକାଶ ପାଇଛି। ପ୍ରଶାସନକୁ ନିଜ ଦୁଆର ମୁହଁରେ ପାଇ ପୋଡ଼ାଘାଟ ଓ ଆଖପାଖ ଅଞ୍ଚଳର ଜନସାଧାରଣ ଖୁବ୍ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀଙ୍କ ମତରେ, ପୂର୍ବରୁ ସାମାନ୍ୟ କାମ ପାଇଁ ଜିଲ୍ଲା ସଦର ମହକୁମାକୁ ଯିବାକୁ ପଡୁଥିଲା। କିନ୍ତୁ ଏବେ ବଡ଼ ବଡ଼ ଅଧିକାରୀମାନେ ଗାଁକୁ ଆସି ସମସ୍ୟା ଶୁଣୁଥିବାରୁ ସେମାନେ ଅନେକ ସମୟ ଓ ଖର୍ଚ୍ଚରୁ ରକ୍ଷା ପାଉଛନ୍ତି। ଅନୁରୂପ ଭାବେ ଅନ୍ୟାନ୍ୟ ବ୍ଲକରେ ମଧ୍ୟ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ସଦର ମହକୁମାରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି ସଫଳତାର ସହ ସମ୍ପନ୍ନ ହୋଇଛି।

# ବଢୁଛି ବାଲ୍ୟ ବିବାହ ଘଟଣା, ପ୍ରଶାସନ ଚୁପ୍

ପଡିଆ, ୨୭।୪(ସମିସ) :

ଗ୍ରାମ୍ୟାଞ୍ଚଳରେ ବଢୁଛି ବାଲ୍ୟ ବିବାହ। ଗୋଟିଏ ପରେ ଗୋଟିଏ ଘଟଣା ଚାପି ଦିଆଯାଉଛି ଖାପ୍ ପଞ୍ଚାୟତରେ। ଏପରି ଘଟଣା ବାରମ୍ବାର ଘଟିବା ସହ ପୁଲିସ ଆଖିରେ ଧୂଳି ଦେଇ ଗାଁ କମିଟିରେ ଘଣ୍ଟ ଘୋଡାଇ ଦିଆଯାଉଛି ଶିଶୁଙ୍କ ବିବାହ ଭଳି ସମ୍ବେଦନଶୀଳ ଘଟଣାକୁ। ପ୍ରକାଶ ଥାଉକି ଗତ ସପ୍ତାହରେ ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ କାଲଦାପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଏମଭି ୫୯ ଗ୍ରାମର ଜଣେ ନାବାଳିକାକୁ ବାପନପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଏମଭି ୫୮ ଗ୍ରାମର ଜଣେ ଯୁବକ ନିଜ ଘରକୁ ନେଇ ଆସିଥିଲେ। ଏହି ଘଟଣାକୁ ନେଇ ଗ୍ରାମରେ ଏକ ଖାପ୍ ପଞ୍ଚାୟତ କରଯାଇ ଉକ୍ତ ନାବାଳିକା ଝିଅକୁ ପୁନଃ ବାପା ଘରକୁ ପଠାଇ ଦିଆ ଯିବା ପାଇଁ ନିଷ୍ପତ୍ତି ହୋଇଛି ଓ ବିବାହ ଆଳରେ ନାବାଳିକାକୁ ଆଣିଥିବା ଯବକଙ୍କୁ ସେଠାରେ ଛାଡି ଦିଆଯାଇଛି। ଏଭଳି ଘଟଣା ଗ୍ରାମରେ ବାରମ୍ବାର ହେଉଥିବା ବେଳେ ସ୍ଥାନୀୟ ଲୋକେ ଏ ନେଇ ଆଇନଗତ ପ୍ରକ୍ରିୟାର ସହଯୋଗ ନେବା ପରିବର୍ତ୍ତେ ଗ୍ରାମରେ ଖାପ୍ ପଞ୍ଚାୟତ ମାଧ୍ୟମରେ ସମାଧାନ କରୁଥିବାରୁ ଏଭଳି କାର୍ଯ୍ୟରେ ନିବୃତ ହୋଇ ସୁଦ୍ଧା ଯୁବକ ମାନେ ବର୍ତ୍ତୀ ଯାଉଛନ୍ତି । ଏକାଧିକ ବାର ଏଭଳି ଘଟଣା ଘଟାଉଛନ୍ତି। ଏପରି ସ୍ଥିତିରେ ଏମଭି ୫୯ ର ନାବାଳିକା ଜଣଙ୍କୁ କେଉଁ ଉଦ୍ଦେଶ୍ୟରେ ଏମଭି ୫୮ ଗ୍ରାମକୁ ଉକ୍ତ ଗ୍ରାମର ଯୁବକ ଜଣକ ଆଣିଥିଲେ ତାହା ନିଶ୍ଚୟ ତଦନ୍ତ ସାପେକ୍ଷ। ଏଥିସହ ଏଭଳି ସମ୍ବେଦନଶୀଳ ଘଟଣା ଗୁଡିକୁ ଖାପ୍ ପଞ୍ଚାୟତ କରି ଚାପି ଦେବାକୁ ଉଦ୍ୟମ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ବୋଲି ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଇଛି।

# ଚିତ୍ରକୋଣ୍ଡା-ବାଲିମେଳା ରାସ୍ତାକଡ଼ ଜଙ୍ଗଲରେ ନିଆଁ

ଚିତ୍ରକୋଣ୍ଡା,୨୭।୪ (ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଓ ବାଲିମେଳା ମୁଖ୍ୟରାସ୍ତା ଘାଟି ଜଙ୍ଗଲରେ ଲାଗିଛି ନିଆଁ। ଜଙ୍ଗଲର ଚାରିଆଡେ ନିଆଁ। ଯେଉଁ ଆଡେ ଆଖି ବୁଲାଇବେ



ନିଆଁ ସହ ଧୂଆଁ ମଧ୍ୟ ଦେଖାଯାଉଛି। ପ୍ରବଳ ନିଆଁ ସହ ଧୂଆଁମୟ ପରିବେଶରେ ଅନେକ ମୂଲ୍ୟବାନ ଗଛ ପୋଡି ନଷ୍ଟ ହୋଇଯାଉଛି। ଜଙ୍ଗଲରେ ଧୂଆଁ ଯୋଗୁଁ ରାସ୍ତାରେ ଯାଉଥିବା ଗାଡ଼ି ଚାଳକ ମାନଙ୍କୁ ଗାଡ଼ି ଚଳାଇବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହାସହ ଆଖି ଜଳାପୋଡା ହେବା ସହ ନିଶ୍ୱାସ ପ୍ରଶ୍ୱାସ ନେବା କଷ୍ଟ ହେଉଛି। ନିଆଁ ପାଇଁ ତାପମାତ୍ରା ବଢୁଥିବା ସହ ଅଧିକ ଗରମ ଲାଗୁଛି। ସେହିପରି ଚିତ୍ରକୋଣ୍ଡା ଥାନା ନିକଟରେ ମଧ୍ୟ ଲାଗିଛି ନିଆଁ । ଧୀରେ ଧୀରେ ନିଆଁ ବ୍ୟାପିବାରେ ଲାଗିଛି । ଏଥିପ୍ରତି ବାଲିମେଳା ବାନାଞ୍ଚଳ ଓ ଚିତ୍ରକୋଣ୍ଡା ବନାଞ୍ଚଳ ପଦକ୍ଷେପ କିଛି ନେଉନଥିବା ମନେ ହେଉଛି। ଖୁବ୍‌ଶୀଘ୍ର ନିଆଁକୁ ଆୟତ୍ତ ନ କଲେ ସମ୍ପୂର୍ଣ୍ଣ ଜଙ୍ଗଲ ନଷ୍ଟ ହେବା ସହ ବନ୍ୟଜନ୍ତୁ କ୍ଷୟକ୍ଷତି ହେବ, ପରିବେଶ ଗରମ ଓ ଧୂଆଁମୟ ହେବ ବୋଲି ମତ ପ୍ରକାଶ ପାଇଛି।

### ଗୁର୍ଜୀଆ ରାସ୍ତା ଜବରଦଖଲ ମାମଲା

# ତଦନ୍ତରେ ବାହାରିଲା ୪୨ ଜଣଙ୍କ ନାମ

ଗୁଣୁପୁର,୨୭।୪(ସମିସ):

ମରାଠିଗୁଡା କପିଳପୁର ମଧ୍ୟରେ ଥିବା ଗୁର୍ଜୀଆ ରାସ୍ତା ଜବରଦଖଲ ଘଟଣା ନେଇ ପ୍ରଶାସନର ତତ୍ପରତା ବଢ଼ିଛି। ମୁଖ୍ୟମନ୍ତ୍ରୀ ଓ ରାୟଗଡା ଜିଲ୍ଲାପାଳଙ୍କୁ ଅଭିଯୋଗ ପରେ ପୌର ପରିଷଦ ଓ ତହସିଲ ପକ୍ଷରୁ ପ୍ରାଥମିକ ଭାବେ ତଦନ୍ତ କରାଯାଇ ଦୁଇଟି ମୌଜାରେ ସରକାରୀ ରାସ୍ତା ଓ ନାଳ ଜମି ଉପରେ ମୋଟ ୪୨ ଜଣଙ୍କ ଜବରଦଖଲ ଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ଦୀର୍ଘଦିନ ଧରି ଏହି ଗୁର୍ଜୀଆ ରାସ୍ତା ନିର୍ମାଣ ହୋଇନଥିବା ବେଳେ କିଛି ଅସାଧୁ ବ୍ୟକ୍ତି ରାସ୍ତା ଜମିକୁ ଚାଷ ଜମି ସହ ମିଶାଇବା ସହ କୁଡିଆରୁ ଆରମ୍ଭ କରି ପକ୍କା ଘର ପର୍ଯ୍ୟନ୍ତ ନିର୍ମାଣ କରି ଦଖଲ କରିଥିବା ଅଭିଯୋଗ ହୋଇଆସୁଥିଲା। ରାଜସ୍ୱ ବିଭାଗ ଓ ପୌରପରିଷଦର ନିରବତା ଫଳରେ ଏହି ଜବରଦଖଲ ବଢ଼ିବାକୁ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଗୁଣୁପୁର ସହର ପାଇଁ ଏକ ପ୍ରମୁଖ ସଂଯୋଗ ମାର୍ଗ ହେବା ସହ କପିଳପୁର ଅଞ୍ଚଳରେ ରେଳୱେ ଷ୍ଟେସନ, ପ୍ରସ୍ତାବିତ ରେଳୱେ ପ୍ରକଳ୍ପ ଓ ନୂତନ ବସ୍‌ଷ୍ଟାଣ୍ଡକୁ ସହଜରେ ଯାତାୟାତ ସୁବିଧା ମିଳିପାରେ। ତେଣୁ ରାସ୍ତାକୁ ଜବରଦଖଲମୁକ୍ତ କରି ନିର୍ମାଣ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଆସୁଥିଲେ। ଫେବୃଆରୀ ୮ ତାରିଖରେ ଜିଲ୍ଲାପାଳଙ୍କ ଗୁଣୁପୁର ଗସ୍ତ ସମୟରେ ସ୍ଥାନୀୟ ଲୋକେ ଏହି ମୁଦ୍ଦା ଉଠାଇଥିଲେ। ପରେ ଅନ୍‌ଲାଇନ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଅଭିଯୋଗ ପଠାଯାଇଥିଲା। ଏହାପରେ ପୌରପରିଷଦ ଓ ତହସିଲ ପକ୍ଷରୁ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପୌର ପରିଷଦ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ, ମରାଠିଗୁଡା ମୌଜାରେ ୪.୩୬ ଏକର ରାସ୍ତା ଜମି ଉପରେ ୧୮ଟି ଘର ନିର୍ମାଣ ହୋଇଥିବା ବେଳେ, କପିଳପୁର ମୌଜାରେ ନାଳ ଜମି ଉପରେ ୨୪ଟି କୁଡିଆ ଥିବା ଚିହ୍ନଟ ହୋଇଛି। ପୌର ପରିଷଦର ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ କହିଛନ୍ତି ଯେ, ଏହି ରିପୋର୍ଟ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି। ପରବର୍ତ୍ତୀ ପଦକ୍ଷେପ ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ଗ୍ରହଣ କରାଯିବ। ଏଥିସହ ରାସ୍ତା ନିର୍ମାଣ ପାଇଁ ପର୍ଯ୍ୟାପ୍ତ ଅର୍ଥର ଆବଶ୍ୟକତା ଥିବା କଥା ମଧ୍ୟ ସେ ଉଲ୍ଲେଖ କରିଛନ୍ତି। ରିପୋର୍ଟ ପ୍ରକାଶ ପାଇବା ପରେ ଜବରଦଖଲ ହଟାଇବା ଓ ରାସ୍ତା ନିର୍ମାଣ ନେଇ ପ୍ରଶାସନ କ'ଣ କାର୍ଯ୍ୟାନୁଷ୍ଠାନ ନେବ, ତାହା ଦେଖିବାକୁ ବାକି ରହିଛି।

